
THE AADHAR ODISHA

# ଆଧାର ଓଡ଼ିଶା

RNI Title Code No. ODIODI08073


ଏକ ନିଆରା ସାପ୍ତାହିକୀ



ପ୍ରତ୍ୟେକ ଶିଶୁ ଏହି ସ୍ୱର୍ଗୀୟ ବାର୍ତ୍ତା
ଆଣି ଆସିଥାଏ ଯେ, ଈଶ୍ୱର
ଏବେ ବି ମଣିଷ ଜାତି ଉପରୁ
ଆସ୍ଥା ହରାଇ ନାହାଁନ୍ତି।
–ରବୀନ୍ଦ୍ରନାଥ ଟାଗୋର

♦ବର୍ଷ–୨ ♦ସଂଖ୍ୟା–୨୫ ♦ବରଗଡ଼ ♦ ୦୫–୧୧ ମଇ ୨୦୨୩ ♦୫ ଟଙ୍କା ♦ପୃଷ୍ଠା–୮ ♦VOL-2 ♦ISSUE- 25♦BARGARH ♦ 05-11 MAY 2023 ♦RS.5/- ♦PAGE-8

ଅରବପତିଙ୍କ ବାସସ୍ଥଳ ନ୍ୟୁୟର୍କ
ପୃଷ୍ଠା–୩ →




ଖୋଜା ପଡ଼ିବ ଖଳନାୟକ
ପୃଷ୍ଠା–୫ →



ଲୋପ ହେବାକୁ ବସିଛି ଔଷଧୀୟ ବୃକ୍ଷ
ପୃଷ୍ଠା–୭ →



ଗ୍ରୀଷ୍ମର ମଜା ହିଲ୍ ଷ୍ଟେସନ୍‌ରେ
ପୃଷ୍ଠା–୮ →



# ପାଣିକୁ ନେଇ ଛତିଶଗଡ଼ର ମନମାନି



ଭୁବନେଶ୍ୱର: ଓଡ଼ିଶା ଉପରେ ଦାଉ ସାଧୁଛି ଛତିଶଗଡ଼ । ଉଭୟ ମୌସୁମୀ ଓ ଅଣମୌସୁମୀ କାଳରେ ଶତ୍ରୁପରି ଆଚରଣ କରୁଛି । ମୌସୁମୀ ସମୟରେ ବନ୍ଧ ଖୋଲି ଦେଉଥିବାରୁ ଓଡ଼ିଶା ବନ୍ୟା ସହୁଛି, ଅଣମୌସୁମୀରେ ପାଣି ବନ୍ଦ କରିବାରୁ ମହାନଦୀ ମୃତ ପାଲଟି ଯାଉଛି । ମହାନଦୀ ଏକ ଅନ୍ତରାଜ୍ୟ ନଦୀ ହୋଇଥିଲେ ବି ଛତିଶଗଡ କେମିତି ମନମାନି କରୁଛି ତାହା ପୁଣି ଥରେ ଧରାପଡି ଯାଇଛି।

## ଟ୍ରିବ୍ୟୁନାଲ୍‌ଙ୍କ ଗସ୍ତ ପୂର୍ବରୁ ଖୋଲିଦେଲା କଲମା ଗେଟ୍

## ମହାନଦୀରେ ଖରାଦିନେ ପାଣି ଛାଡ଼ିଲା ଛତିଶଗଡ଼

ଆଉ ଲାଗୁଛି ଯେମିତି ଛତିଶଗଡ ଯେତେବେଳେ ଚାହିଁବ, ସେତେବେଳେ ମହାନଦୀରେ ପାଣି ଆସିବ, ଆଉ ଯେତେବେଳେ ଚାହିଁବି ସେତେବେଳେ ଶୁଖିଲା ପଡିବ । ମହାନଦୀ ଟ୍ରିବ୍ୟୁନାଲ୍ ସଦସ୍ୟଙ୍କ ଦ୍ୱିତୀୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନର ଠିକ୍ ପୂର୍ବରୁ ଚାଲାକି ଦେଖାଇଛି ପଡ଼ୋଶୀ ରାଜ୍ୟ । ଖରା ଦିନେ ଆଦୌ ପାଣି ଛାଡୁନଥିବା ଛତିଶଗଡ଼, ଏବେ କିନ୍ତୁ କଲମା ବ୍ୟାରେଜର ୨୦ଟି ଗେଟ୍ ଖୋଲି ତଳମୁଣ୍ଡକୁ ପାଣି ଛାଡ଼ିଛି । ସେପଟେ ରାଜ୍ୟରେ ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ନେଇ ପୁଣି ଥରେ ତେଜିଛି ।

ଏବେ ମହାନଦୀର କଲମା ବ୍ୟାରେଜର ଉପରମୁଣ୍ଡରେ ଲହଡ଼ି ମାରୁଛି ପାଣି । ତଳମୁଣ୍ଡରେ ବି ପ୍ରବାହିତ ହେଉଛି ଜଳ । ଗତ କିଛି ବର୍ଷ ହେଲା କିନ୍ତୁ ଏ ସ୍ଥିତି ନଥିଲା। ଖରା ଦିନରେ କଲମା ବ୍ୟାରେଜର ତଳମୁଣ୍ଡରେ ଆଦୌ ପାଣି ଦେଖିବାକୁ ମିଳୁନଥିଲା । ପୂରା ଶୁଖିଲା ପଡିଥିଲା ନଈ । ମରୁଭୂମିର ଭ୍ରମ ସୃଷ୍ଟି ହେଉଥିଲା । ହେଲେ ଚଳିତ ବର୍ଷ ସ୍ଥିତିରେ ହୋଇଛି ପରିବର୍ତ୍ତନ । କାରଣ ଛତିଶଗଡ଼ର କଲମା ବ୍ୟାରେଜରେ ଥିବା ୬୬ଟି ଗେଟ୍ ମଧ୍ୟରୁ ପର୍ଯ୍ୟାୟକ୍ରମେ ୨୦ଟି ଗେଟ୍ ଏବେ ଖୋଲା ଯାଇ ପାଣି ଛଡ଼ାଯାଉଛି । ଗତ ତିନି ଦିନ ହେଲା ହୀରାକୁଦ ଜଳଭଣ୍ଡାରକୁ ଇନ୍‌ଫ୍ଲୋ ବଢିଛି। ୨୪ ତାରିଖରେ ୧୨୯୦ କ୍ୟୁସେକ୍, ୨୫ ତାରିଖରେ ୧୪୭୨ କ୍ୟୁସେକ୍ ଓ ୨୬ ତାରିଖରେ ୧୬୬୧ କ୍ୟୁସେକ୍ ପାଣି ଆସୁଥିବା ଜଣାପଡ଼ିଛି ।

ଛତିଶଗଡ କଲମା ବ୍ୟାରେଜରୁ ପ୍ରାୟ ୨୦ଟି ଗେଟ୍ ୩ ଦିନ ତଳେ ଖୋଲିଥିଲା । ଯାହାପରେ ଓଡିଶା ସୀମାନ୍ତରେ ଥିବା ବରଗଡ଼ ଜିଲ୍ଲାର ଚିକିଲି ଗାଁ ସହ ୪୦ ରୁ ଅଧିକା ଗାଁର ଲୋକଙ୍କ ମୁହଁରେ ଦୀର୍ଘ ଦିନ ପରେ ହସ ଫୁଟିଛି । ଛୋଟପିଲାମାନେ ପାଖରେ ପାଣି ପିଇ ଖୁସିରେ ନାଚି ଉଠିଛନ୍ତି । ଗୀଷ୍ମ ମାସରେ ଛତିଶଗଡ ପାଣି ଅଟକାଇ ରଖୁଥିବାରୁ ପାଣି ବୁନ୍ଦାଏ ପାଇବା ପାଇଁ ତଳିଆ ଅଞ୍ଚଳର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଉ ଏବେ ପାଣି ଆସିବା ପରେ ଚାଷବାସ କରି

→ପୃଷ୍ଠା–୭

## ସମ୍ପାଦକୀୟ

### ସତ୍ୟକୁ ପାଲଟା ଜେରା

## ଦାମୀ ହାଇବ୍ରିଡ ଗାଡ଼ି ଚଢ଼ିବେ ମନ୍ତ୍ରୀ ଓ ବାବୁ

ଭୁବନେଶ୍ୱର: ବାବୁ ଓ ମନ୍ତ୍ରୀ ଚଢ଼ିବେ ହାଇବ୍ରିଡ୍ ଗାଡ଼ି। ଏ ନେଇ ପରିବହନ କମିସନରଙ୍କୁ ଚିଠି ଲେଖିଛି ବାଣିଜ୍ୟ ଓ ପରିବହନ ବିଭାଗ । ମନ୍ତ୍ରୀ, ସଚିବ ଓ ଅନ୍ୟ ବଡ଼ ଅଧିକାରୀମାନେ ଚଢିବେ ହାଇବ୍ରିଡ୍ ଗାଡ଼ି । ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଟେକ୍ନିକାଲ୍ କମିଟି ନିକଟରେ ଏହି ପ୍ରସ୍ତାବ ରଖିବା ସହ ଏହି ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। କିଏ କେତେ ଟଙ୍କାର ଗାଡ଼ି ଚଢ଼ିବେ ସେନେଇ ମଧ୍ୟ ନିଷ୍ପତ୍ତି ହୋଇଛି । ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାର ଅଫିସରମାନେ ୨୫ ଲକ୍ଷ ଟଙ୍କା ମୂଲ୍ୟର ଟୟୋଟା ଇନୋଭା, ମହିନ୍ଦ୍ରା ଏସ୍ୟୁଭି ୫୦୦, ଟାଟା ହେକ୍ସା ଭଳି ହାଇବ୍ରିଡ୍ ଗାଡ଼ି ବ୍ୟବହାର କରିବେ । ସେହିପରି ଜିଲ୍ଲା ଜଜ୍, ପ୍ରମୁଖ ସଚିବ ତଥା ସଚିବ ପାହ୍ୟାର ଅଧିକାରୀମାନେ ମାରୁତି ସିଆଜ, ହୋଣ୍ଡା ସିଟି ଭଳି ଗାଡ଼ି ବ୍ୟବହାର କରିବେ, ଯାହାର ସର୍ବାଧିକ ମୂଲ୍ୟ ୧୫ ଲକ୍ଷ ଟଙ୍କା । ଜିଲ୍ଲାପାଳ, ଏସ୍ପିମାନେ ମଧ ୧୫ ଲକ୍ଷ ଟଙ୍କା।

→ପୃଷ୍ଠା–୭

# ୧୩ ବର୍ଷରେ ୯ ବଡ଼ ମାଓ ହମ୍‌ଲା: ୨୦୦ ଯବାନ ଶହୀଦ

## ଛତିଶଗଡ଼ରେ ନକ୍ସଲ ଖେଳିଲେ ରକ୍ତର ହୋଲି: ୧୧ ଶହୀଦ

ଛତିଶଗଡ଼: ଦୁଇ ବର୍ଷ ପରେ ଛତିଶଗଡ଼ରେ ପୁଣି ନକ୍ସଲ ଖେଳିଛନ୍ତି ରକ୍ତର ହୋଲି । ଆଇଡି ବିସ୍ଫୋରଣ କରି ନେଇଛନ୍ତି ୧୧ ଜଣ ଯବାନଙ୍କ ଜୀବନ । ନକ୍ସଲଙ୍କ ଆମ୍ବୁସରେ ୧୦ ଜଣ ଡିଆରଜି ଯବାନ ଓ ଜଣେ ଡ୍ରାଇଭର ଶହୀଦ ହୋଇଛନ୍ତି। ଯାହା କି ସମଗ୍ର ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଛି । ଛତିଶଗଡ଼ରେ ନକ୍ସଲ ଗତିବିଧି ବୃଦ୍ଧି ପାଇବାରେ ଲାଗିଛି । ଗତ ୧୩ ବର୍ଷ ମଧ୍ୟରେ ୯ଟି ବଡ ନକ୍ସଲ ଆକ୍ରମଣ ହୋଇଛି । ଯେଉଁଥିରେ ପାଖାପାଖି ୨୦୦ ଯବାନ ଶହୀଦ ହୋଇଛନ୍ତି। ବୁଧବାର ହୋଇଥିବା ବଡ଼ ଧରଣର ନକ୍ସଲ ହମ୍‌ଲାକୁ ପ୍ରଧାନମନ୍ତ୍ରୀ ମୋଦି ନିନ୍ଦା କରିଥିବା ବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ସହ କଥା ହୋଇ ସବୁ ପ୍ରକାରର ସାହାଯ୍ୟ ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସେପଟେ ମୁଖ୍ୟମନ୍ତ୍ରୀ ବଘେଲ କହିଛନ୍ତି, ଲାଲବାହୀନିଙ୍କୁ ଆଉ ଛଡାଯିବନି । ଏପଟେ ଛତିଶଗଡ ସୀମାନ୍ତ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର



ଜିଲ୍ଲାରେ ହାଇ ଆଲର୍ଟ ଜାରି ହୋଇଛି ।

ଛତିଶଗଡର ଦାନ୍ତେୱାଡାରେ ନକ୍ସଲଙ୍କ ବଡ ହମଲା । ମାଓ ଅପରେସନ୍‌ରେ ଯାଇଥିବା ଯବାନଙ୍କୁ ଆମ୍ବୁସ । ଆଇଡି ବିସ୍ଫୋରଣ କରି ଗାଡ଼ି ଉଡାଇଦେଲେ ମାଓବାଦୀ। ଘଟଣାସ୍ଥଳର ଦେଖିବାକୁ ମିଳିଛି ଛାତିଥରା ଚିତ୍ର । ଦନ୍ତେୱାଡାର ଅରଣପୁର ନିକଟ ଜଙ୍ଗଲିଆ ରାସ୍ତା। ଉଭୟ ପଟେ ପଡିଛି ବୀର ଶହୀଦ ଯବାନଙ୍କ ଶରୀର। ବିସ୍ଫୋରଣରେ ଖଣ୍ଡ ଖଣ୍ଡ ହୋଇଯାଇଛି ଯବାନଙ୍କ ଗାଡି। ଆଉ, ବିସ୍ଫୋରଣ ସ୍ଥଳରେ ସୃଷ୍ଟି ହୋଇଛି ବିରାଟ ଗାତ । ଏଭଳି ନକ୍ସଲଙ୍କ ବର୍ବରଚିତ ଆକ୍ରମଣରେ ଶହୀଦ ହୋଇଛନ୍ତି ୧୦ ଜଣ ଡିଆରଜି ଯବାନ । ଡ୍ରାଇଭର ବି ପ୍ରାଣ ହରାଇଛନ୍ତି । ଘଟଣାସ୍ଥଳରୁ ସମସ୍ତ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ବରିଷ୍ଠ ଅଧିକାରୀ ପହଞ୍ଚି ସର୍ଚ୍ଚ ଅପରେସନ୍ ଜାରି ରଖିଛନ୍ତି ।

→ପୃଷ୍ଠା–୭

### ୨୦୧୦ରୁ ଆଜି ପର୍ଯ୍ୟନ୍ତ ଛତିଶଗଡ଼ରେ ହୋଇଥିବା ନକ୍ସଲ ଆକ୍ରମଣ

| | |
|---|---|
| ୨୦୧୦ ଏପ୍ରିଲ ୬ | : ଛତିଶଗଡର ଦନ୍ତେୱାଡାରେ ନକ୍ସଲ ଆକ୍ରମଣରେ ୭୬ ଯବାନ ଶହୀଦ |
| ୨୦୧୩ ମେ ୨୫ | : କଂଗ୍ରେସର ପରିବର୍ତ୍ତନ ଯାତ୍ରାରେ ଆକ୍ରମଣ, ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ |
| ୨୦୧୪ ମାର୍ଚ୍ଚ ୧୧ | : ସୁକମା ଜିଲ୍ଲା ଟାହକୱାଡାରେ ନକ୍ସଲ ଆକ୍ରମଣ, ୧୫ ଯବାନ ଶହୀଦ |
| ୨୦୧୪ ଏପ୍ରିଲ ୧୨ | : ବସ୍ତର ଜିଲ୍ଲାର ଦରଭାରେ ନକ୍ସଲ ଆକ୍ରମଣ, ୫ ଯବାନଙ୍କ ସମେତ ୧୪ ଜଣଙ୍କ ମୃତ୍ୟୁ |
| ୨୦୧୭ ମାର୍ଚ୍ଚ ୧୧ | : ସୁକମାର ଦୁର୍ଗମ ଅଞ୍ଚଳରେ ମାଓ ଆକ୍ରମଣରେ ୧୨ ସିଆରପିଏଫ୍ ଯବାନ ଶହୀଦ |
| ୨୦୧୭ ଏପ୍ରିଲ ୨୪ | : ସୁକମାରେ ନକ୍ସଲ ଆକ୍ରମଣ, ସିଆରପିଏଫ୍ର ୨୫ ଯବାନ ଶହୀଦ |
| ୨୦୨୦ ମାର୍ଚ୍ଚ ୨୧ | : ସୁକମା ଜିଲ୍ଲା ମିନପାରେ ନକ୍ସଲ ଆକ୍ରମଣରେ ୧୭ ଯବାନ ଶହୀଦ |
| ୨୦୨୧ ମାର୍ଚ୍ଚ ୨୩ | : ନାରାୟଣପୁର ଜିଲ୍ଲାରେ ଯବାନ ଯାଉଥିବା ବସ୍ ଉପରେ ଆକ୍ରମଣ, ୫ ଯବାନ ଶହୀଦ |
| ୨୦୨୧ ଏପ୍ରିଲ ୪ | : ବିଜାପୁର ଓ ସୁକମା ଜିଲ୍ଲା ସୀମାରେ ମାଓବାଦୀଙ୍କ ଆକ୍ରମଣ, ୨୨ ଯବାନ ଶହୀଦ |

THE AADHAR ODISHA
# ଆଧାର ଓଡ଼ିଶା
୫-୧୧ ମଇ ୨୦୨୩



## ସତ୍ୟକୁ ପାଲଟା ଜେରା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାର ୨୦୧୪ରେ ଗଠନ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ୯ ବର୍ଷ ମଧ୍ୟରେ ଏଭଳି ଭଉଁରୀ ଭିତରେ କେବେ ବି ଫସି ନ ଥିଲା। ରାଫେଲ ଦୁର୍ନୀତି ଅଭିଯୋଗ, ପେଗାସସ୍ ଅପବ୍ୟବହାର ଅଭିଯୋଗ, ଅଫଳପ୍ରସୂ ବିମୁଦ୍ରାକରଣ, ଚାଇନା ସହ ସୀମା ବିବାଦ, ଏପରି କି ସାନି ଅଦାନୀ ସର୍ବସ୍ୱ ପ୍ରୋତ୍ସାହନ ଅଭିଯୋଗ, ଏସବୁକୁ ମୋଦିଙ୍କ ସଂଘ ସରକାର ଖାତିର ନ କରି ଆଗକୁ ମାଡି ମକଚି ଚାଲିଥିବା ବେଳେ ଅଚାନକ ବିରାଟ ବଡ ଧକ୍କା ଖାଇଛି ଯାହା କି ସରକାର ଚଳାଉଥିବା ଗୋଷ୍ଠୀର ବହବୋଲା ଓ ବହୁବୋଲାଙ୍କୁ ଚୁପ୍ କରାଇ ଦେଇଛି। ପୂର୍ବରୁ ଯେଉଁ ସବୁ ଅଭିଯୋଗ ଓ ବିବାଦର ବର୍ଣ୍ଣନା ହୋଇଛି, ସେ ସବୁକୁ ନେଇ ପ୍ରାୟ ସବୁ ବିରୋଧୀ ଦଳ ମୋଦି ସରକାରକୁ ଟାର୍ଗେଟ କରିଛନ୍ତି ସତ, ମାତ୍ର ସେଗୁଡିକ ନାକାମ୍ ଯାଇଛି। କେବଳ କୃଷି ଆଇନ ହେଉଛି ଏକ ମାତ୍ର ପ୍ରସଙ୍ଗ ଯେଉଁଠି ସରକାର ଆଣ୍ଠେଇ ଆଇନକୁ ପ୍ରତ୍ୟାହାର କରିନେବାକୁ ବାଧ ହୋଇଥିଲେ। ମୋଦି ସରକାର କୃଷି ଆଇନକୁ ପ୍ରତ୍ୟାହାର କରି ନେବାର ଶ୍ରେୟ କୌଣସି ବିରୋଧୀ ଦଳକୁ ଯାଉନାହିଁ। ଦେଶର କୃଷକ ସମୁଦାୟଙ୍କ ତୀବ୍ର ବିରୋଧ ହେତୁ ଏହା ସମ୍ଭବପର ହୋଇ ପାରିଥିଲା।

ସବୁ ବିରୋଧୀ ଦଳ ମିଶି ମୋଦି ସରକାରଙ୍କୁ ଏତେ ବର୍ଷ ମଧ୍ୟରେ ଯେତିକି ହଟହଟା କରିପାରି ନ ଥିଲେ, ଜଣେ ମାତ୍ର ବ୍ୟକ୍ତି ସତ୍ୟପାଲ ମଲିକ୍ ମାତ୍ର ସାତ ଆଠ ଦିନରେ ତାହାଠାରୁ ଅଧିକ ଅଡୁଆରେ ପକାଇ ଦେଇଛନ୍ତି। କୌତୁହଳର କଥା ହେଲା ମୋଦି ସରକାର ଲାଗି ଏତେ ବଡ ବିପର୍ଯ୍ୟୟ ଠିଆ କରିଥିବା ସତ୍ୟପାଲ ଥିଲେ ଶାସକ ବିଜେପିର ଉଚ୍ଚ-ମଧ୍ୟସ୍ତରୀୟ ନେତା। ମୋଦି ସରକାର ହିଁ ତାଙ୍କୁ ପ୍ରଥମେ ବିହାର, ତା ପରେ ଜମ୍ମୁ-କଶ୍ମୀର, ଗୋଆ ଓ ଶେଷରେ ମେଘାଳୟର ରାଜ୍ୟପାଳ ଭାବେ ନିଯୁକ୍ତି ଦେଇଥିଲେ। ଏଠାରେ ମନେ ରଖିବାକୁ ହେବ ଯେ ବର୍ତ୍ତମାନ ବିଜେପିର ଯେତେ ଶୀର୍ଷସ୍ତରୀୟ ସକ୍ରିୟ ନେତା ଅଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କଠାରୁ ସତ୍ୟପାଲଙ୍କ ବୈଧାନିକ ଅନୁଭୂତି ପୁରୁଣା। ଭାରତବର୍ଷରେ ମଧ୍ୟମ ବାମପନ୍ଥୀ ସମାଜବାଦୀ ରାଜନୈତିକ ଚିନ୍ତାଧାରାର ପ୍ରତିଷ୍ଠାତା କୁହାଯାଉଥିବା ରାମମନୋହର ଲୋହିଆଙ୍କ ଆଦର୍ଶର ଅନୁଗାମୀ ଭାବେ ଛାତ୍ରଜୀବନରୁ ରାଜନୀତିରେ ପାଦ ଥାପି ଥିବା ସତ୍ୟପାଲ ବହୁ ରାଜନୈତିକ ଘାଟରେ ପାଣି ପିଇଛନ୍ତି। ଗତ ଶତାବ୍ଦୀର ସତୁରୀ ଦଶକର ପ୍ରଥମ ଭାଗରେ ନିର୍ବାଚନ ଜିଣିଥିବା ସତ୍ୟପାଲ କିଛି ଦିନ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଜାଠ୍ କୃଷକ ନେତା ଚୌଧରୀ ଚରଣ ସିଂଙ୍କ ନୀଳଆଖିଆ ଟୋକା ବା ବ୍ଲ୍ୟୁ ଆଇଡ୍ ବୟ୍ ବନି ଯାଇଥିଲେ। ଚରଣ ସିଂଙ୍କ ରାଜନୈତିକ ଜୀବନର ଅବସାନ ପରେ ସତ୍ୟପାଲ ଅଶୀ ଦଶକରେ କଂଗ୍ରେସରେ ଯୋଗ ଦେଇଥିଲେ। ରାଜୀବ ଗାନ୍ଧି ସରକାର ବୋଫର୍ସ ଦୁର୍ନୀତିରେ ଛନ୍ଦି ହେବା ପରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଭିପି ସିଂଙ୍କ ଗୋଷ୍ଠୀରେ ସାମିଲ ହୋଇ କଂଗ୍ରେସ ଛାଡିଥିଲେ ଓ ତାଙ୍କ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ହୋଇଥିଲେ। ଭିପି ସିଂଙ୍କ ପରେ ଜନତା ଦଳ ଭାଙ୍ଗିରୁଜି ଗୁଣ୍ଡ ହୋଇଯିବା ପରେ ସେ କିଛି ଦିନ ମୁଲାୟମ ସିଂଙ୍କ ସମାଜବାଦୀ ପାର୍ଟିକୁ ମଧ୍ୟ ଯାଇଥିଲେ। ଶେଷରେ ୨୦୦୪ ମସିହାରେ ଆଉଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ସର୍ବପ୍ରିୟ ନେତା ଅଟଳବିହାରୀ ବାଜପାୟୀ ତାଙ୍କୁ ଡାକି ବିଜେପିରେ ମିଶାଇଥିଲେ। ସେବେଠାରୁ ବିଜେପିରେ ଥିଲେ ସତ୍ୟପାଲ।

କିଛି ଦିନ ତଳେ ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେବା ବେଳେ ସତ୍ୟପାଲ ଯେଉଁ ଅଭିଯୋଗଟି ଆଣିଛନ୍ତି ତାହା ବିଜେପିର ମୂଳଦୁଆକୁ ଗୁରୁତର ଧକ୍କା ପହଞ୍ଚାଇଛି। ବିଜେପି ଓ ମୋଦି ସରକାରଙ୍କ ଅନ୍ୟତମ ପ୍ରମୁଖ ଧ୍ୱନୀ ହେଉଛି ରାଷ୍ଟ୍ରବାଦ ଓ ଜାତୀୟ ସୁରକ୍ଷା। ଗତ ୨୦୧୯ ମସିହା ସାଧାରଣ ନିର୍ବାଚନର ମାତ୍ର କିଛି ସପ୍ତାହ ପୂର୍ବରୁ ଜମ୍ମୁ-କଶ୍ମୀରର ପୁଲଓ୍ୱାମାଠାରେ ଆତଙ୍କବାଦୀଙ୍କ ବିସ୍ଫୋରଣରେ ଭାରତୀୟ ଅର୍ଦ୍ଧସାମରିକ ବାହିନୀର ୩୯ ଜଣ ଯବାନଙ୍କ ମୃତ୍ୟୁ ଘଟିଥିଲା। ଏହାର ପ୍ରତିଶୋଧରେ ଭାରତୀୟ ବାୟୁସେନା ପାକିସ୍ତାନର ବାଲାକୋଟସ୍ଥିତ ଉଗ୍ରବାଦୀ ଘାଟି ଉପରେ ଆକ୍ରମଣ କରିଥିଲା। ଏହାକୁ ବିଜେପି ସେହି ସାଧାରଣ ନିର୍ବାଚନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ କରିଦେଇଥିଲା। ଦେଶପ୍ରେମ, ଜାତିପ୍ରୀତି, ଧାର୍ମିକ ଭାବନା ଏଭଳି ସବୁ ପ୍ରସଙ୍ଗ ଯାହାକି ଦରଦାମ ବୃଦ୍ଧି ହେତୁ ଅଧା ପେଟରେ ରହୁଥିବା ନାଗରିକଙ୍କୁ ବି ବୀରରସରେ ବୁଡାଇ ଦିଏ। ତେବେ ସେହି ସମୟରୁ ବିରୋଧୀ ଦଳ କଂଗ୍ରେସ ଦଳର ଅଭିଯୋଗ କରି ଆସୁଛି ଯେ ବାଲାକୋଟ୍ ପ୍ରତିଶୋଧ ହେଉଛି ଏକ ନାଟକୀୟ ପରିଚାଳନା ବା ଷ୍ଟେଜ୍ ମ୍ୟାନେଜଡ୍। କଂଗ୍ରେସର ଏହି ଅଭିଯୋଗକୁ ନେଇ ସେହି ଦଳକୁ ଦେଶବିରୋଧୀ ବୋଲି ଆଜି ପର୍ଯ୍ୟନ୍ତ ଚିତ୍ରଣ କରାଚାଲିଛି। ମାତ୍ର ଏବେ ସତ୍ୟପାଲ କହିଛନ୍ତି ଯେ ପୁଲଓ୍ୱାମା ଆକ୍ରମଣ ଦେଶର ଗୁଇନ୍ଦା ସଂସ୍ଥା ବିଫଳତା ଥିଲା। ଯବାନମାନଙ୍କୁ ଆକାଶପଥରେ ଜମ୍ମୁରୁ କଶ୍ମୀରକୁ ସ୍ଥାନାନ୍ତର କରିବା ଲାଗି ପ୍ରସ୍ତାବ ସତ୍ତ୍ୱେ ସେମାନଙ୍କୁ ସଡକପଥରେ ନେବା ନିଷ୍ପତ୍ତି ନିଆଯାଇଥିଲା। ଜମ୍ମୁ-କଶ୍ମୀର ରାଜ୍ୟପାଳ ଥିବା ବେଳେ ଏହି ଘଟଣା ଘଟିଥିବାରୁ ସେ ଏହାର ଭିତରବାହାର କଥା ସବୁ ଜାଣନ୍ତି। ଏହି ପ୍ରସଙ୍ଗରେ ସେ କୁଆଡେ ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ତାଙ୍କୁ ଚୁପ୍ ରହିବାକୁ କୁହାଗଲା ବୋଲି ସେ ଅଭିଯୋଗ କରିଛନ୍ତି। ବିଡମ୍ବନାର ବିଷୟ ହେଲା ସେହି ଦୁର୍ଘଟଣା ସରକାରୀ ବିଫଳତା ଥିଲା କି ନାହିଁ ତାହାର ପ୍ରମାଣସିଦ୍ଧ ସ୍ପଷ୍ଟୀକରଣ ସରକାରଙ୍କଠାରୁ ଲୋଡିବା ପରିବର୍ତ୍ତେ କିଛି ଖବରଦାତା ସତ୍ୟପାଲଙ୍କୁ ଅଭିଯୋଗର ସତ୍ୟତା ସମ୍ବନ୍ଧିତ ତଥ୍ୟପ୍ରମାଣ ମାଗି ଜେରା କରୁଛନ୍ତି।

ତେବେ ଏଭଳି ଓଲଟା ତଦନ୍ତ ନୂଆ ନୁହେଁ। ରାଫେଲ ଯୁଦ୍ଧବିମାନ କ୍ରୟ ସମ୍ବନ୍ଧିତ ଅନିୟମିତା ଏକ ଜାତୀୟ ଇଂଲିଶ ଦୈନିକରେ ପ୍ରକାଶ ପାଇବା ପରେ ଏହି ଅଭିଯୋଗର ଯାଞ୍ଚ କରାଯିବା ପରିବର୍ତ୍ତେ ସରକାରୀ ଦଲିଲ ତଥ୍ୟ କେଉଁଠୁ ପାଇଲ ବୋଲି ଖବରକାଗଜକୁ ପ୍ରଶ୍ନ କରାଯାଇଥିଲା। କଥାଟି ସେତିକିରେ ଅଟକି ଯାଇ ନ ଥିଲା। ଏ ସମ୍ବନ୍ଧିତ ମାମଲାର ବିଚାର କରୁଥିବା ମାନ୍ୟବର ସୁପ୍ରିମକୋର୍ଟଙ୍କ ମହାନ୍ୟାୟାଧିଶମାନେ ସରକାରଙ୍କ ଦ୍ୱାରା ବନ୍ଦ ଲଫାପାରେ ପ୍ରଦତ୍ତ ତଥ୍ୟକୁ ଆଧାର କରି ସବୁ ଠିକ୍ ଅଛି ବୋଲି ମତ ଦେଇଦେଲେ। ତେବେ ବନ୍ଦଲଫାପା ହସ୍ତଗତ ହେବା ପରଠାରୁ ରାୟ ଲେଖା ହେବା ଦିନ ମଧ୍ୟରେ ମାନ୍ୟବର ନ୍ୟାୟମୂର୍ତ୍ତିମାନେ ଗଭୀର ଭାବେ ପଢାପଢି ଓ ଗବେଷଣା କରି ଯୁଦ୍ଧବିମାନ ସମ୍ବନ୍ଧିତ ସବୁପ୍ରକାର ଜ୍ଞାନ ଆହରଣ କରିଥିବା ନିଶ୍ଚିତ। ତେଣୁ ତ ସଂପୃକ୍ତ ମାମଲାରେ ମହାନ୍ୟାୟାଧୀଶମାନଙ୍କ ବୈଚାରିକ ନିରପେକ୍ଷତାକୁ ସମଗ୍ର ଦେଶବାସୀ ସ୍ୱୀକାର କରିନେଇଥିଲେ। ଏହାକୁ ସନ୍ଦେହ କରିବା ଅର୍ଥ ଅଦାଲତ ଅବମାନନା ଦଫାକୁ ବରଣ କରିବା।

**ସମ୍ପାଦକଙ୍କୁ ପତ୍ର ଓ ସମ୍ପାଦକୀୟ ପୃଷ୍ଠା**
**ଲାଗି ଲେଖା ପଠାଇବା ଠିକଣା**
ଇମେଲ୍- aadharodisha8@gmail.com
ଯୋଗାଯୋଗ-ପ୍ଲଟ୍ ନମ୍ବର-ପି-୪୨, ଲେନ୍-୧, ଫେଜ୍-୧,
ଶ୍ରୀକ୍ଷେତ୍ର ବିହାର, ଆଇଗିଣିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା

# ପାଠ ସହ ଶାଠ

**ଗୌରୀଶଙ୍କର ସାହୁ**

ଆମ ଓଡ଼ିଶାରେ ଅନେକ ସମୟରେ ଶୁଣିବାକୁ ମିଳେ ଏହାର ପାଠଶାଠ କିଛି ବି ହେଲା ନାହିଁ । ପାଠ ବା ଶାଠ ମଧ୍ୟରୁ ଯେ କୌଣସି ଗୋଟିଏରେ ପାରଦର୍ଶିତା ଲାଭକଲେ ବ୍ୟକ୍ତି ରୋଜଗାରକ୍ଷମ ହୋଇଥାଏ ଓ ସାମାଜିକ ସ୍ୱୀକୃତି ଲାଭକରେ । ଶାଠ କହିଲେ ବିଶେଷ କୌଶଳ ବା ହାତକାମକୁ ବୁଝାଉଥିଲା । ଏବର ଧନ୍ଦାମୂଳକ ଶିକ୍ଷାର ସମାନ ପର୍ଯ୍ୟାୟବାଚୀ ଶବ୍ଦ ଶାଠ । ଶାଠ ରୋଜଗାରର ସହଜ ଓ ସୁଲଭ ମାଧ୍ୟମ ।

ଯେତେବେଳେ ଆଧୁନିକ ପାଶ୍ଚାତ୍ୟ ଦର୍ଶନର ଆଦିପୁରୁଷ ବାରୁକ ସ୍ପିନୋଜାଙ୍କ ଦାର୍ଶନିକ ତତ୍ତ୍ୱ , ବାଇବେଲ୍ର ମୌଳିକବିଶ୍ୱାସକୁ କାଠଗଡ଼ାରେ ଠିଆ କଲା, ଇହୁଦୀ ସମାଜର ମୁଖିଆ ତାଙ୍କୁ ଗୋଟିଏ ପ୍ରସ୍ତାବ ଦେଲେ, ଆମେ ତୁମର ଭରଣପୋଷଣ ପାଇଁ ତୁମକୁ ବାର୍ଷିକ ୫୦୦ ଡଲାର ଦେବୁ, ପ୍ରତିବଦଳରେ ତୁମେ ସମାଜ ଓ ବିଶ୍ୱାସ ପ୍ରତି ଅତି କମ୍ରେ ବାହ୍ୟ ଆନୁଗତ୍ୟ ପ୍ରକାଶ କରିବ । ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରିବାରୁ ତେଇଶି ବର୍ଷୀୟ ସ୍ପିନୋଜାଙ୍କୁ ସମାଜରୁ ବାସନ୍ଦ କରାଗଲା। ଦେଶାନ୍ତରୀ ହୋଇ ସେ ଚଳିବେ କେମିତି ? ପଢ଼ାବେଳେ ସେ ଆୟତ୍ତ କରିଥିବା ଚଷମା ଲେନ୍ସ ପଲିସ୍ କୌଶଳଟି କଠିନ ସମୟରେ ତାଙ୍କ ଜୀବିକାର ମାଧ୍ୟମ ହେଲା । ଇହୁଦୀମାନଙ୍କ ପ୍ରଣମ୍ୟପୁରୁଷ ଗାମାଲିଏଲ୍ଙ୍କ କଥାମାନି ପ୍ରତ୍ୟେକ ଇହୁଦୀ ବାଳକ ପଢ଼ା ସହିତ କିଛି କୌଶଳ ଓ ହାତକାମ ଶିଖନ୍ତି ।

ନିଜର ବିଶେଷ କୌଶଳ ବା ହାତକାମ ପାଇଁ ପାଣ୍ଡବ ପାଞ୍ଚଭାଇ ଓ ଦ୍ରୌପଦୀ ଜୀବନଧାରଣ କରି ରହିପାରିଥିଲେ । ଧର୍ମରାଜ ଯୁଧିଷ୍ଠିରଙ୍କ ନାମରେ ରାଜା ବିରାଟଙ୍କ ଦ୍ୟୁତଖେଳ ଶିକ୍ଷକ, ଭୀମ ବଲ୍ଲଭ ନାମରେ ରାଜପରିବାରର ପାଚକ, ଅର୍ଜୁନ ବୃହନ୍ନଳା ନାମରେ ରାଜପରିବାରର ନୃତ୍ୟଶିକ୍ଷକ, ନକୁଳ ଗ୍ରନ୍ଥିକ ନାମରେ ରାଜାଙ୍କ ଅଶ୍ୱଶାଳ ରକ୍ଷକ, ସହଦେବ ତନ୍ତୀପାଳ ନାମରେ ରାଜାଙ୍କ ଗୋସଂରକ୍ଷକ ଓ ଦେବୀ ଦ୍ରୌପଦୀ ସୈରନ୍ଧ୍ରୀ ନାମରେ ରାଣୀଙ୍କ କେଶସଂସ୍କାରକ କାମରେ ନିୟୋଜିତ ହୋଇଥିଲେ । ଇତିହାସ ପ୍ରସିଦ୍ଧ ପ୍ରୁସିଆ ସାମ୍ରାଜ୍ୟରେ ଗଣଶିକ୍ଷାର ନିଅଁ ପକେଇଥିବା ବିଶିଷ୍ଟ ଜର୍ମାନ୍ ଶିକ୍ଷାବିତ୍ ୱେଲେହମ୍ ଭନ୍ ହମ୍ବୋଲ୍ଟଙ୍କ ବିଚାର ଓ ସମସାମୟିକ ୟୁରୋପୀୟ ଶିକ୍ଷାନୀତି ଧନ୍ଦାମୂଳକ ଶିକ୍ଷା ଓ ସର୍ବୋପରି ଶିକ୍ଷାକୁ ଶ୍ରମିକବଜାର ପାଇଁ କଞ୍ଚାମାଲ୍ ଭାବେ ଦେଖୁଥିଲା। ଅପରପକ୍ଷରେ ପ୍ରାଚୀନ ଭାରତରେ ଏହା ବିଶେଷ କୌଶଳ ବା ହାତକାମ ରୂପରେ ପ୍ରଚଳିତ ଥିଲା । ମାନବ ସମ୍ବଳଠାରେ କୌଶଳ ବା ଦକ୍ଷତାର ବିକାଶ ପାଇଁ ନଭେମ୍ବର ୨୦୧୪ରେ ଭାରତ ସରକାର କୌଶଳ ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଗଢିଛନ୍ତି ଓ ୧୫ ଜୁଲାଇ ୨୦୧୫ରେ କୁଶଳ ଭାରତ ବିକାଶ ଆଭିମୁଖ୍ୟ (ଏନ୍.ଏସ୍.ଡି.ଏମ୍.)ର ଲୋକାର୍ପଣ କରିଛନ୍ତି ।

ସଂପ୍ରତି ଜାତୀୟ ଶିକ୍ଷାନୀତି-୨୦୨୦ରେ ଧନ୍ଦାମୂଳକ ଶିକ୍ଷାକୁ ଉଚ୍ଚଶିକ୍ଷା ସହ ସଂଲଗ୍ନ କରାଯାଇଛି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଡ୍ରାଫ୍ଟ ନିର୍ଦ୍ଦେଶାବଳୀରେ କଳା, ବିଜ୍ଞାନ ଓ ବାଣିଜ୍ୟର ସ୍ନାତକ ପାଠ୍ୟକ୍ରମରେ ୧୬ କ୍ରେଡିଟ୍ ଧନ୍ଦାମୂଳକ ଶିକ୍ଷା ଦିଆଯିବା ବାଧ୍ୟତାମୂଳକ କରାଯାଇଛି । ସ୍ନାତକୋତ୍ତରରେ ମଧ୍ୟ ଏହିପରି ବ୍ୟବସ୍ଥା ରହିଛି । ତେବେ ଏବେ ଗୋଟିଏ ପ୍ରଶ୍ନ ଉଠୁଛି । ଧନ୍ଦାମୂଳକ ଶିକ୍ଷା ଏବେ କାହିଁକି ପ୍ରମୁଖ ଫୋକସ୍ ? ଆରମ୍ଭରେ ଯେଉଁ ଦୁଇଟି ଉଦାହରଣ ଦିଆଯାଇଛି, ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ଯେତେବେଳେ ଭାଗ୍ୟ ବାମ ହୁଏ, ଜିଇବା ହୋଇପଡ଼େ କାଠିକର ପାଠ, ପାରମ୍ପରିକ ଶିକ୍ଷା ହାତ ଟେକି ଦିଏଛ ହାତକାମ, ଲୋକବିଦ୍ୟା, କୌଶଳଶିକ୍ଷା ବା ଧନ୍ଦାମୂଳକ ଶିକ୍ଷା ଆପଣ ଯାହା ବି ନାମ ଦିଅନ୍ତୁ, ଏହା ଜୀବନଜୀବିକାର ମାଧ୍ୟମ ହୋଇଥାଏ । ଅଷ୍ଟ୍ରୀୟ ଗବେଷକ ଜାହୋଦା, ଲାଜାରଫେଲ୍ଡ ଓ ଜେସେଲ୍ ୧୯୩୦ରେ ଗବେଷଣାକରି ଏହି ନିଷ୍କର୍ଷରେ ଉପନୀତ ହୋଇଥିଲେ ଯେ ବେକାରୀ ବ୍ୟକ୍ତିର ସାମାଜିକ କାର୍ଯ୍ୟକଳାପ, ପାପ୍ରବଣତା, ସମୟଜ୍ଞାନ ହ୍ରାସକରିବା ସହିତ ପାରିବାରିକ ଦୂରତାର କାରଣ ସାଜିଥାଏ । ୧୯୭୯ ମସିହାରେ ପ୍ରକାଶିତ ଅଷ୍ଟ୍ରେଲୀୟ ଗବେଷକ କୃପିନ୍ସକି ଓ ମାକେଞ୍ଜିଙ୍କ ଆଲେଖ୍ୟରେ ଦର୍ଶାଯାଇଥିଲା, କିପରି ବେରୋଜଗାରୀ ଶାରୀରିକ ଅସୁସ୍ଥତା ଓ ଏପରି କି ମୃତ୍ୟୁହାର ବୃଦ୍ଧିର ଦ୍ୟୋତକ ହୋଇଥାଏ । ୧୯୮୯ରେ କ୍ରୋମ୍ବିଓ ଓ ସହକର୍ମୀମାନଙ୍କ ୟୁରୋପର ଜନତାଙ୍କ ଉପରେ ଗବେଷଣା ଓ ୧୯୯୧ରେ କାଟାଲାନୋଙ୍କ ଆମେରିକୀୟ ଜନଗଣଙ୍କ ଉପରେ ଅଧ୍ୟୟନ ଏହି ସମାନ ନିଷ୍କର୍ଷକୁ ପ୍ରତିପାଦିତ କରିଥିଲା । ୧୯୮୦ରେ ଆଠଟି ଦେଶର ଲୋକଙ୍କ ଉପରେ ଗବେଷଣା କରି ବ୍ରୁର୍ ଓ ୧୯୮୯ରେ ସମଗ୍ର ବିଶ୍ୱର ବିଭିନ୍ନ ଦେଶରୁ ନମୁନା ନେଇ ଡେଷ୍ଟ୍ରା ପ୍ରମାଣିତ କରିଥିଲେ ଯେ ବେରୋଜଗାରୀ ଓ ଆତ୍ମହତ୍ୟା ମଧ୍ୟରେ ସିଧା ସମ୍ପର୍କ ରହିଛି । ୧୯୮୮ରେ ୱାଇଟ୍ସାଇଡ୍ ପ୍ରମାଣିତ କରି ଦେଖାଇଲେ ଯେ ବେରୋଜଗାରୀ ଓ ଶାରୀରିକ ତଥା ମାନସିକ ରୋଗ ମଧ୍ୟରେ ଗଭୀର ସମ୍ପର୍କ ରହିଛି । ବିଶିଷ୍ଟ ଗବେଷକ ମୋରଲ୍ଙ୍କ ତତ୍ତ୍ୱ (୧୯୯୪) ମୁତାବକ, ବେରୋଜଗାରୀ ଯୁବକଯୁବତୀଙ୍କଠାରେ ଦେଖାଯାଉଥିବା ଅନେକ ମାନସିକ ରୋଗର ପ୍ରମୁଖ କାରଣ ଓ ଏହାର ଆଂଶିକ ନିଦାନ ହେଲା ନିଯୁକ୍ତି । ସେ ଦେଖିବାକୁ ପାଇଲେ ନିଯୁକ୍ତି ପାଇବାପରେ ମାନସିକ ରୋଗଗ୍ରସ୍ତ ଯୁବକଯୁବତୀ ବିନା ଡାକ୍ତରୀ ଚିକିତ୍ସାରେ ଆରୋଗ୍ୟଲାଭ କରିଥାନ୍ତି । ମୋରେଲ୍ଙ୍କ ଏହି ଆବିଷ୍କାରଟି ଦାଗ ପ୍ରଭାବ (ସ୍କାରିଙ୍ଗ୍ ଇଫେକ୍ଟ) ଭାବେ ବେଶ୍ ଜନପ୍ରିୟ ।

ଆମର ଅଧିକାଂଶ ଉଚ୍ଚଶିକ୍ଷିତ ଯୁବକଯୁବତୀ କଳା, ବାଣିଜ୍ୟ ବା ବିଜ୍ଞାନରେ ଉଚ୍ଚଶିକ୍ଷା ଲାଭ କରିଥାନ୍ତି । ସେମାନଙ୍କ ଜ୍ଞାନ ଓ ତାଲିମ୍ ଯାହା, କେବଳ ସରକାରୀ ଚାକିରି ଦ୍ୱାରା ହିଁ ସେମାନଙ୍କୁ ଯଥୋଚିତ ନ୍ୟାୟ ଦେଇହେବ କିନ୍ତୁ ସୁଯୋଗ ସୀମିତ । ଏପରି ସ୍ଥଳେ ପାରମ୍ପରିକ ଶିକ୍ଷାଶେଷ ଓ କର୍ମସଂସ୍ଥାନରେ ଯୋଗଦେବା ଅନ୍ତର ଯେତିକି ମହତ୍ତ୍ୱପୂର୍ଣ୍ଣ, ଚାକରିଟିଏ ନପାଇବାର ସମ୍ଭାବନା ମଧ୍ୟ ତତୋଧିକ। ତେଣୁ ଉଭୟ ପରିସ୍ଥିତି ପାଇଁ ଆଶାର ଆଲୋକ ହାତକାମ ବା କୌଶଳଶିକ୍ଷା । ଏହା କେବଳ ସାମୟିକ ବା ସ୍ଥାୟୀ କର୍ମସଂସ୍ଥାନ ଦେଇନଥାଏ, ବରଂ ଆମକୁ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବାରେ ସହାୟ ହୋଇଥାଏ କିନ୍ତୁ ଆମେ ବ୍ରିଟିଶ ଉପନିବେଶବାଦୀ ବ୍ୟବସ୍ଥାକୁ ପାଥେୟକରି ଆଗକୁ ଯିବାରେ ଅଭ୍ୟସ୍ତ ଥିବାରୁ, ହାତକାମ ପ୍ରତି ସାଧାରଣରେ ଏକ ଘୃଣାଭାବ ରହିଛି । ଗାନ୍ଧିଜୀଙ୍କ ବୁନିୟାଦି ତାଲିମ୍ଦ ଆମର ମାନସିକତାରେ ସେମିତି ବ୍ୟାପକ ପରିବର୍ତ୍ତନ ଆଣିପାରିନିଛ ଯୁକ୍ତରାଜ୍ୟରେ ୧୯୦୭ସାଲ୍ରେ ୱିଲିଅମ୍ ଷ୍ଟାନଲେଙ୍କ ଦ୍ୱାରା ପ୍ରଥମ ବ୍ୟାବସାୟିକ ବିଦ୍ୟାଳୟ (ଟ୍ରେଡ୍ସ୍କୁଲ୍) ସ୍ଥାପିତ ହୋଇଥିଲାଛ ଦୁଇଟି ବେସରକାରୀ ସଂସ୍ଥା ରୟାଲ୍ ସୋସାଇଟି ଅଫ୍ ଆର୍ଟସ୍ ଓ ସିଟି ଆଣ୍ଡ୍ ଗିଲ୍ଡର ନେତୃତ୍ୱରେ ଯୁକ୍ତରାଜ୍ୟର ଧନ୍ଦାମୂଳକ ଶିକ୍ଷାର ପ୍ରାରମ୍ଭ ଓ ବିସ୍ତାର ହୋଇଥିଲା । ପରବର୍ତ୍ତୀ ସମୟରେ ସରକାରୀ ପ୍ରଚେଷ୍ଟା ସତ୍ତ୍ୱେ ୧୯୭୫ ବେଳକୁ ଉଚ୍ଚଶିକ୍ଷାରେ ନାମ ଲେଖାଇଥିବା ସମୁଦାୟ ବିଦ୍ୟାର୍ଥୀଙ୍କ ମଧ୍ୟରୁ ମାତ୍ର ୦.୫% ଧନ୍ଦାମୂଳକ ଶିକ୍ଷା ପଢୁଥିଲେ । ଅପରପକ୍ଷରେ ପାଶ୍ଚାତ୍ୟ ଭୂଖଣ୍ଡରେ ଧନ୍ଦାମୂଳକ ଶିକ୍ଷାର ଆଦିପୀଠ ଜର୍ମାନୀ, ବେସରକାରୀ ସଂସ୍ଥା ଓ ଶିଳ୍ପସଂସ୍ଥାମାନଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ ବ୍ୟବସ୍ଥା ଠିଆକରିଛି । ଏଥିପାଇଁ ଦାୟିତ୍ୱ ବାଣ୍ଟିନେଇଛନ୍ତି ପ୍ରତ୍ୟେକଟି ସଂସ୍ଥା । ୨୦୦୧ର ପରିସଂଖ୍ୟାନକୁ ଦେଖିଲେ ଆମେ ପାଇବା ଜର୍ମାନୀରେ ୨୨ ବର୍ଷରୁ କମ୍ ଯୁବଶକ୍ତିର ଦୁଇ ତୃତୀୟାଂଶ ଧନ୍ଦାମୂଳକ ଶିକ୍ଷାଲାଭ ପାଇଁ ପଞ୍ଜିକୃତ ହୁଅନ୍ତି । ତନ୍ମଧ୍ୟରୁ ୭୮ ପ୍ରତିଶତ ପାଠ୍ୟକ୍ରମରେ ସଫଳତାର ସହ ଉତ୍ତୀର୍ଣ୍ଣ ହୁଅନ୍ତି । ସୁଇଜରଲାଣ୍ଡର ଧନ୍ଦାମୂଳକ ଶିକ୍ଷାବ୍ୟବସ୍ଥା ୟୁରୋପରେ ସର୍ବୋତ୍ତମ ବୋଲି କୁହାଯାଏ । ଏଠାରେ ଏହା ଏକ ଉଚ୍ଚ ମାଧ୍ୟମିକ ଶିକ୍ଷା, ଯାହା ଏହି ଦେଶର ୬୫-୭୦ ପ୍ରତିଶତ ଯୁବଶକ୍ତିକୁ କର୍ମସଂସ୍ଥାନ ଯୋଗାଇଥାଏ । ଅଧିକାଂଶ ସୁଇସ୍ ଶିଳ୍ପପତିଙ୍କ କର୍ମସଂସ୍ଥାନର ଆଦ୍ୟ ମାଧ୍ୟମ ହୋଇଥାଏ ଏହି କୌଶଳଶିକ୍ଷା । ଜ୍ୱଳନ୍ତ ଉଦାହରଣ ୟୁବିଏସ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ସର୍ଜିନ୍ ଏର୍ମୋଟ୍ଟି । ଜାପାନରେ କୌଶଳଶିକ୍ଷା ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟଗୁଡ଼ିକୁ ସେନ୍ମନ୍ଗାକୋ କୁହାଯାଏ । ଏଠାରେ କମ୍ପ୍ୟୁଟର ପ୍ରଯୁକ୍ତିବିଦ୍ୟା, ଫେସନ୍ ପ୍ରଯୁକ୍ତିବିଦ୍ୟା ଓ ଇଂରାଜୀ ଭାଷା ପ୍ରଭୃତି ଶିକ୍ଷା ଦିଆଯାଏ । ଇସ୍ରାଏଲ୍ରେ ତ ଉଚ୍ଚ ବିଦ୍ୟାଳୟରୁ ହିଁ କୌଶଳ ଶିକ୍ଷାଦାନ ଆରମ୍ଭ ହୋଇଥାଏ । ଆମେରିକାରେ ଗୃହ ଅର୍ଥନୀତି, କାଠ ଓ ଧାତୁକାମ, ଟାଇପିଙ୍ଗ୍, ଡ୍ରାଫ୍ଟିଙ୍ଗ୍, ନିର୍ମାଣ କାମ, ମେକାନିକ୍ କାମ ପ୍ରଭୃତି କୌଶଳଶିକ୍ଷା ଉଚ୍ଚବିଦ୍ୟାଳୟରୁ ଆରମ୍ଭ ହୋଇଯାଇଥାଏ । ସୋଭିଏତ୍ ରାଷ୍ଟ୍ରସଂଘର ସମନ୍ୱିତ କୌଶଳଶିକ୍ଷା ବ୍ୟବସ୍ଥା ପୃଥିବୀରେ ସର୍ବବୃହତ୍ ।

ବିଶ୍ୱବ୍ୟାଙ୍କର୍ ବିଶ୍ୱ ବିକାଶ ଦଲିଲ୍ ୨୦୧୯ ମୁତାବକ ପାରମ୍ପରିକ ଓ ଧନ୍ଦାମୂଳକ ଶିକ୍ଷାରେ ନମନୀୟତା ଶ୍ରମିକମାନଙ୍କୁ ଦକ୍ଷ ଓ କୁଶଳୀ କରିବାପାଇଁ ଏକାନ୍ତ ଅପରିହାର୍ଯ୍ୟ । ଭାରତ ପରିପ୍ରେକ୍ଷୀରେ ଧନ୍ଦାମୂଳକ ଶିକ୍ଷାର ଉପଯୁକ୍ତ ଚୟନର ଆବଶ୍ୟକତା ରହିଛି । ବର୍ତ୍ତମାନ ପ୍ରଚଳିତ ଧନ୍ଦାମୂଳକ ଶିକ୍ଷା, କୌଳିକ ବୃତ୍ତି ଓ ମାଣିଆବନ୍ଧ ପାଟ, ସମ୍ବଲପୁରୀ ଓ ବରହମ୍ପୁରୀ ଶାଢ଼ି, ଖୋର୍ଦ୍ଧା ଗାମୁଛା, ବାଲକାଟୀ ଓ ଭଞ୍ଜମୁଣ୍ଡାର କଂସାପିତ୍ତଳ ବାସନ, କଟକର ତାରକସି କାମ ପ୍ରଭୃତିରେ ଅସମ୍ଭବ ସମ୍ଭାବନା ଲୁଚି ରହିଛି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିର୍ଦ୍ଦେଶାବଳୀ ପରେ ବିଶ୍ୱବିଦ୍ୟାଳୟଗୁଡ଼ିକ ଯେପରି ଶୀର୍ଷକ ପରିବର୍ତ୍ତନ କରି ପ୍ରଚଳିତ ପାଠକୁ କୌଶଳ ଶିକ୍ଷା ନାମରେ ଚଳାଇ, ଜାତୀୟ ଶିକ୍ଷାନୀତି ଲାଗୁ କରିଛନ୍ତି ବୋଲି ବାହାବା ନେବାରେ ଲାଗିଛନ୍ତି, ତାହା ଖଡ଼ିକୁ ନୁହେଁ କି ପେଡ଼ିକୁ ନୁହେଁ । ବର୍ତ୍ତମାନ କେନ୍ଦ୍ର ଉଚ୍ଚଶିକ୍ଷା ବିଭାଗ ଏବଂ କୌଶଳ ଓ ଉଦ୍ୟମିତା ବିଭାଗ ଜଣେ ମନ୍ତ୍ରୀଙ୍କ ଅଧୀନରେ ରହିଛି । ଦୁଇଟି ବିଭାଗର ପାରସ୍ପରିକ ସମ୍ବାଦ, ସହମତି ଓ ଭାଗୀଦାରିରେ ବାସ୍ତବପକ୍ଷେ ଧନ୍ଦାମୂଳକ ବା କୌଶଳଶିକ୍ଷା, ଉଚ୍ଚଶିକ୍ଷାର ପାଠ୍ୟଖସଡ଼ାରେ ସ୍ଥାନିତ ହୋଇପାରିବ । ସେଇ କୌଶଳ ବା ଧନ୍ଦାମୂଳକ ଶିକ୍ଷା ଯଥାର୍ଥରେ ପିଲାର ଅସୁବିଧା ସମୟରେ ତାର ଗୁଜୁରାଣର ମାଧ୍ୟମ ହୋଇପାରିବ । ପାଠ ସହ ଶାଠ ଆମର ଭାରତୀୟ ଜ୍ଞାନ ପରମ୍ପରାର ମହନୀୟ ଧ୍ୟେୟ ବାକ୍ୟ କର୍ମସୁ କୌଶଳମ୍ଦ ହେଉ ଆଜିର ଅନୁଚିନ୍ତା ।

# ଅରବପତିଙ୍କ ବାସସ୍ଥଳ ନ୍ୟୁୟର୍କ

## ହେନ୍ଲି ଆଣ୍ଡ ପାର୍ଟନର୍ସ ରିପୋର୍ଟ: ନ୍ୟୁୟର୍କ ୩ ଲକ୍ଷ ୪୫ ହଜାର ଅରବପତିଙ୍କ ବାସସ୍ଥଳ

ନୂଆଦିଲ୍ଲୀ: ଚଳିତବର୍ଷ ଆମେରିକାର ନ୍ୟୁୟର୍କ ପୁଣିଥରେ ବିଶ୍ୱର ଧନୀ ସହର ଭାବେ ପରିଗଣିତ ହୋଇଛି । ଗ୍ଲୋବାଲ ୱେଲଥ୍ ଟ୍ରାକର ହେନ୍ଲି ଆଣ୍ଡ ପାର୍ଟନର୍ସ ଅନୁସାରେ ଏହି ସହରରେ ବିଶ୍ୱର ସର୍ବାଧିକ ୩,୪୫,୬୦୦ ଅରବପତି ବାସ କରୁଛନ୍ତି । ତେଣୁ ଏହି ସହର ବିଶ୍ୱର ସବୁଠୁ ଧନୀ ସହରର ପରିଚୟ ଲାଭ କରିଛି । ନ୍ୟୁୟର୍କ ପଛକୁ ଏହି ତାଲିକାରେ ଜାପାନର ଟୋକିଓ ଏବଂ ଆମେରିକାର ସାନ ଫ୍ରାନ୍ସିସ୍କୋ ଉପକୂଳ ସହର ରହିଛି । ଟୋକିଓ ସହରରେ ୩,୦୪,୯୦୦ କୋଟିପତି ଏବଂ ସାନ୍ ଫ୍ରାନ୍ସିସ୍କୋରେ ୨,୭୬,୪୦୦ ଅରବପତି ବାସ କରୁଛନ୍ତି । ତେବେ ଲଣ୍ଡନ, ସିଙ୍ଗାପୁର, ବେଜିଂ, ସାଂଘାଇ, ସିଡନୀ ହଂକଂ, ଫ୍ରାଙ୍କଫର୍ଟ, ଟରୋଣ୍ଟୋ, ଜୁରିଚ୍, ସିଓଲ, ମେଲବୋର୍ଣ୍ଣ, ଜେନେଭା ଏବଂ ପ୍ୟାରିସ ଭଳି ସହର ମଧ୍ୟ ବିଶ୍ୱର ଅରବପତି ବାସ କରୁଥିବା ଶୀର୍ଷ -୨୦ ସହର ତାଲିକାରେ ସ୍ଥାନ ପାଇଛି । ଅପରପକ୍ଷେ ଭାରତର ବାଣିଜ୍ୟିକ ରାଜଧାନୀ ମୁମ୍ବଇ ୨୫ତମ ସ୍ଥାନରେ ରହିଛି । ଏଠାରେ ୫୯,୪୦୦ ଅରବପତି ବାସ କରୁଛନ୍ତି । ଅନ୍ୟପକ୍ଷରେ



ରାଜଧାନୀ ଦିଲ୍ଲୀ ଏ କ୍ଷେତ୍ରରେ ୩୬ ତମ ସ୍ଥାନରେ ରହିଛି । ଏଠାରେ ୩୦,୨୦୦ ଅରବପତି ବସବାସ କରୁଥିବା ରିପୋର୍ଟରେ କୁହାଯାଇଛି । ବିଶ୍ୱର ଶ୍ରେଷ୍ଠ ୨୦ କୋଟିପତି ରହୁଥିବା ସହର ତାଲିକାରେ ଆମେରିକା ପ୍ରଥମ ସ୍ଥାନରେ ରହିଛି । ଏହି ତାଲିକାରେ ନ୍ୟୁୟର୍କ ଏବଂ ଆମେରିକାର ଅନ୍ୟାନ୍ୟ ସହର ଯଥା ସାନ ଫ୍ରାନ୍ସିସ୍କୋ, ଲସ୍ ଆଞ୍ଜେଲସ୍, ଚିକାଗୋ, ହ୍ୟୁଷ୍ଟନ୍ ଏବଂ ଡଲାସ୍ ରହିଛି । ଭବିଷ୍ୟତରେ ଦୁବାଇ, ମୁମ୍ବାଇ ଏବଂ ଶେନଜେନ୍ରେ ଅରବପତିଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବ । ଏହି ତିନୋଟି ସହର ୨୦୩୦ ସୁଦ୍ଧା ଶ୍ରେଷ୍ଠ ୨୦ ଧନୀ ସହର ମଧ୍ୟରେ ସ୍ଥାନ ପାଇବ ବୋଲି ଆଶା କରାଯାଉଛି । ୨୩ତମ ସ୍ଥାନରେ ରହିଥିବା ଦୁବାଇରେ ବର୍ତ୍ତମାନ ୬୭,୯୦୦ ଅରବପତି ରହୁଛନ୍ତି । ୪୩,୬୦୦ ଅରବପତିଙ୍କ ସହ ଶେନଜେନ୍ ତାଲିକାରେ ୩୦ ତମ ସ୍ଥାନରେ ରହିଛିଛ ଦୁନିଆର ୯ ଦେଶର ୯୭ ସହରକୁ ନେଇ ବିଶ୍ୱର ଏହି ଧନୀ ସହର ତାଲିକା ପ୍ରସ୍ତୁତ କରାଯାଇଛି । ଆଫ୍ରିକା, ଅଷ୍ଟ୍ରେଲିଆ, ପୂର୍ବ-ଏସିଆ, ୟୁରୋପ, ମଧ୍ୟ-ପ୍ରାଚ୍ୟ, ଉତ୍ତର ଆମେରିକା, ଦକ୍ଷିଣ ଏସିଆ ଏବଂ ଦକ୍ଷିଣ-ପୂର୍ବ ଏସିଆ ଇତ୍ୟାଦିର ୯୭ ସହର ଏହି ତାଲିକାରେ ସାମିଲ ହୋଇଛି ।

# ଅନ୍ଧବିଶ୍ୱାସ ନେଲା ୪୭ଜଣଙ୍କ ଜୀବନ

ନରଓ୍ୱେ: କେନିଆରେ ଜଣେ ପାଦ୍ରୀଙ୍କ ନିର୍ଦ୍ଦେଶରେ ଭୋକରେ ରହି ସାମୂହିକ ଭାବେ ୪୭ ଜଣ ଆତ୍ମହତ୍ୟା କରିଛନ୍ତି । ଏକ ଜମିରୁ ପୋଲିସ ଏହି ସମସ୍ତ ମୃତଦେହ ଜବତ କରିଛି । କେନିଆର ଶାକାହୋଲା ଜଙ୍ଗଲରେ ଆହୁରି ଅଧିକ ମୃତଦେହ ଥିବା ସନ୍ଦେହ କରି ପୋଲିସ୍ ଖୋଜୁଛି ।

ଖବର ଅନୁଯାୟୀ, ଏକ ଚର୍ଚ୍ଚର ଜଣେ ପାଦ୍ରୀ ଏହି ଲୋକମାନଙ୍କୁ କହିଥିଲେ ଯେ, ଯଦି ସେମାନେ ଭୋକରେ ରହି ନିଜକୁ ସମାଧି ଦିଅନ୍ତି, ତେବେ ସେମାନେ ସ୍ୱର୍ଗକୁ ଯାଇ ଯୀଶୁଙ୍କୁ ଭେଟିବେ । ତେବେ ଗତ ତିନି ଦିନ ଧରି ଏହି ଲୋକଙ୍କ ମୃତଦେହକୁ ପୋଲିସ ବାହାରକୁ ନେଇ ଆସୁଛି ଏବଂ ମୃତ ଦେହ ସଂଖ୍ୟା ବଢ଼ିଚାଲିଛି । ଏହି ମୃତଦେହ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି ।

ଏହି ଘଟଣାରେ ପୋଲିସ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଯାହା ଆଧାରରେ ମାଲିନ୍ଦୀରେ ପାଦ୍ରୀଙ୍କ ଜମିରେ ଚଢ଼ାଉ କରିଥିଲା । ଏହା ପରେ ପୋଲିସ ଗୋଟିଏ ପରେ ଗୋଟିଏ ମୃତଦେହ ପାଇଥିଲା। ପୋଲିସ ବର୍ତ୍ତମାନ ସମସ୍ତ ଶରୀରରୁ ଡିଏନ୍ଏ ନମୁନା ସଂଗ୍ରହ କରୁଛି । ଯାହାଦ୍ୱାରା ଏହା ପ୍ରମାଣିତ ହୋଇପାରିବ କି ଏହି ଲୋକମାନେ ଅନାହାରରେ ମୃତ୍ୟୁବରଣ କରିଛନ୍ତି କି ନାହିଁ ।

# ସମଗ୍ର ବିଶ୍ୱର ପ୍ରତିରକ୍ଷା ବ୍ୟୟ ୧୮୩ ଲକ୍ଷ କୋଟି

ନୂଆଦିଲ୍ଲୀ: ବିଶ୍ୱକୁ ତୃତୀୟ ବିଶ୍ୱଯୁଦ୍ଧର କଳା ବାଦଲ ଘୋଟି ରହିଛି । ଯେକୌଣସି ସମୟରେ ଏହି ଯୁଦ୍ଧ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ରୁଷର ୟୁକ୍ରେନ ଆକ୍ରମଣ ପରଠାରୁ ଏହି ଆଶଙ୍କା ବୃଦ୍ଧି ପାଇଛି । ଏହି ଯୁଦ୍ଧ ଯୋଗୁଁ ବିଶ୍ୱର ତିନି ଭାଗରେ ବିଭକ୍ତ ହୋଇଯାଇଛି । ରୁଷ୍ ବିରୋଧରେ ୟୁକ୍ରେନ୍କୁ ଆମେରିକା ନେତୃତ୍ୱାଧୀନ ନାଟୋ ରାଷ୍ଟ୍ରଗୁଡିକ ପରୋକ୍ଷରେ ସହାୟତା କରୁଛନ୍ତି । ଏହାକୁ ନେଇ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବାରମ୍ବାର ପରମାଣୁ ଯୁଦ୍ଧ ଧମକ ଦେବାରେ ଲାଗିଛନ୍ତି । ଏହି ଯୁଦ୍ଧ ଯୋଗୁଁ ଅନେକ ରାଷ୍ଟ୍ର ନିଜ ପ୍ରତିରକ୍ଷା ଏବଂ ଅସ୍ତ୍ରଶସ୍ତ୍ର ଖର୍ଚ୍ଚ ବୃଦ୍ଧି କରିବାରେ ଲାଗିଛନ୍ତି । ୨୦୨୨ରେ ବିଶ୍ୱରେ ପ୍ରତିରକ୍ଷା ବ୍ୟୟ ସର୍ବକାଳୀନ ରେକର୍ଡ କରିଛି । ଏହା ୨.୨୪ ଟ୍ରିଲିୟନ ଡଲାର ଅର୍ଥାତ୍ ୧୮୩ ଲକ୍ଷ କୋଟି ପାର୍ କରିଛି । ସ୍ୱିଡେନ୍ର ଷ୍ଟକ୍ହୋମ ଇଣ୍ଟରନ୍ୟାସନାଲ ପିସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ଏସଆଇପିଆରଆଇ)ର ବାର୍ଷିକ ରିପୋର୍ଟରୁ ଏହି ସୂଚନା ମିଳିଛି । ରିପୋର୍ଟ ଅନୁଯାୟୀ ରୁଷ୍-ୟୁକ୍ରେନ୍ ଯୁଦ୍ଧ ଯୋଗୁଁ ଏହି ବ୍ୟୟ ବୃଦ୍ଧି ପାଇଛି। କେବଳ ୟୁରୋପ ମହାଦେଶରେ ପ୍ରତିରକ୍ଷା ବ୍ୟୟ ବର୍ଷକରେ ୧୩ ପ୍ରତିଶତ ବୃଦ୍ଧି ପାଇଛି । ଏହା ଗତ ୩୦ ବର୍ଷରେ ସର୍ବାଧିକ ।

ଏସ୍ଆଇପିଆରଆଇର ବରିଷ୍ଠ ଗବେଷକ ନୈନ ତିୟାନ କହିଛନ୍ତି ଯେ ଏହି ଖର୍ଚ୍ଚ ବୃଦ୍ଧି କେତେ ଅସୁରକ୍ଷିତ ବିଶ୍ୱରେ ରହୁଛେ ତାହା ଦର୍ଶାଉଛି । ଯୁଦ୍ଧ ଯୋଗୁ ରୁଷ୍ ସୀମାବର୍ତ୍ତୀ ଦେଶଗୁଡିକ ନିଜ ସୁରକ୍ଷା ବାବଦ ଖର୍ଚ୍ଚ ବୃଦ୍ଧି କରିଚାଲିଛନ୍ତି । ଫିନ୍ଲାଣ୍ଡର ସେନା ଖର୍ଚ୍ଚ ୩୬ ପ୍ରତିଶତ, ଲିଥୁଆନିଆର ୨୭ ପ୍ରତିଶତ, ୟୁକ୍ରେନ୍ର ୬ ପ୍ରତିଶତ ବୃଦ୍ଧି ପାଇଛି । ଯୁଦ୍ଧ ମଧ୍ୟରେ ୟୁକ୍ରେନ୍ରେ ୩୬ ଲକ୍ଷ କୋଟିରୁ ଅଧିକ ବ୍ୟୟ କରାଗଲାଣି । ତାଇୱାନ ଏବଂ ଦକ୍ଷିଣ ଚୀନ୍ ସାଗରରେ ଆମେରିକା ସହ ବିବାଦ ବୃଦ୍ଧିକୁ ଦେଖି ଚୀନ୍ ନିଜ ପ୍ରତିରକ୍ଷା ବଜେଟ୍ ୪.୨ ପ୍ରତିଶତ ବୃଦ୍ଧି କରିଛି । ବିଶ୍ୱର ଦ୍ୱିତୀୟ ରାଷ୍ଟ୍ର ଭାବେ ଚୀନ୍ ପ୍ରତିରକ୍ଷାରେ ଅଧିକ ଖର୍ଚ୍ଚ କରୁଛି । ଏହି ଦେଶର ବଜେଟ୍ ଭାରତଠାରୁ ପ୍ରାୟ ୪ ଗୁଣ ଅଧିକ । ୨୦୨୨ରେ ଚୀନ୍ ୨୩ ଲକ୍ଷ କୋଟି ଏବଂ ଭାରତର ୬ ଲକ୍ଷ କୋଟି ବ୍ୟୟ କରିଥିଲା। ପ୍ରତିରକ୍ଷା ବ୍ୟୟରେ ଏବେ ବି ଆମେରିକା ଶିଖରରେ ରହିଛି । ଏହି ଦେଶର ବ୍ୟୟ ୦.୭ ପ୍ରତିଶତ ରହିଛି। ସେହିପରି ରୁଷ୍ ନିଜ ପ୍ରତିରକ୍ଷା ବଜେଟ୍ରେ ୯.୨ ପ୍ରତିଶତ ଏବଂ ଜାପାନ ୫.୯ ପ୍ରତିଶତ ବୃଦ୍ଧି କରିଛି । ରିପୋର୍ଟ ଅନୁଯାୟୀ ୧୯୮୯ର ଶୀତଳ ଯୁଦ୍ଧ ପରେ ମଧ୍ୟ ଏବଂ ପଶ୍ଚିମ ୟୁରୋପ ସେନା ପାଇଁ ସବୁଠାରୁ ଅଧିକ ଖର୍ଚ୍ଚ କରିଛନ୍ତି । ଏହି ଦେଶଗୁଡିକ ପ୍ରତିରକ୍ଷା ବ୍ୟୟ ୨୮ ଲକ୍ଷ କୋଟି ପାର କରିଛି । ଏହା ସାରା ବିଶ୍ୱ ବଜେଟ୍ର ୩୯ ପ୍ରତିଶତ । ମୁଲ୍ୟବୃଦ୍ଧି ସତ୍ତ୍ୱେ ଆମେରିକା ପ୍ରତିରକ୍ଷା ବ୍ୟୟ ବୃଦ୍ଧି କରିଛି । ୨୦୨୨ରେ ଏହି ଦେଶ ୟୁକ୍ରେନ୍କୁ ଲକ୍ଷେ କୋଟି ଟଙ୍କାର ସାମରିକ ସହାୟତା ଦେଇଥିଲା । ସେହିପରି ସାଉଦି ଆରବ ଗତ ବର୍ଷ ପ୍ରତିରକ୍ଷା ବ୍ୟୟ (୬ ଲକ୍ଷ କୋଟି) ୧୬ ପ୍ରତିଶତ ବୃଦ୍ଧି କରିଥିଲା । ଏହା ୨୦୧୮ ପରେ ସର୍ବାଧିକ । ନାଟୋ ଦେଶଗୁଡିକ ପ୍ରତିରକ୍ଷା ବ୍ୟୟକୁ ୦.୯ ପ୍ରତିଶତ ବୃଦ୍ଧି କରିଥିଲେ । ଏମାନେ ନିଜ ସୁରକ୍ଷା ପାଇଁ ୧୨୩୨ ବିଲିୟନ ଡଲାର ଖର୍ଚ୍ଚ କରିଥିଲେ । ଦରଦାମ ବୃଦ୍ଧି ସତ୍ତ୍ୱେ ୟୁକ୍ରେନ୍କୁ ସହାୟତା ଦେବା ପାଇଁ ବ୍ରିଟେନ୍ ପ୍ରତିରକ୍ଷା ବଜେଟ ବଢ଼ାଇ ଥିଲା ।

# ଓଡ଼ିଶାରେ ଖୋଲିବ ୭ ସରକାରୀ ନର୍ସିଂ କଲେଜ

ନୂଆଦିଲ୍ଲୀ: ଦେଶର ମେଡିକାଲ କଲେଜଗୁଡ଼ିକ ନିକଟରେ ସରକାରୀ ନର୍ସିଂ କଲେଜ ଖୋଲିବ । ୧,୫୭୦ କୋଟି ଟଙ୍କା ବ୍ୟୟରେ ୧୫୭ଟି ନର୍ସିଂ କଲେଜ ଖୋଲିବା ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୂଚନା ଦେଇଛନ୍ତି। ପ୍ରତି କଲେଜରେ ୧୦୦ ବିଏସ୍ସି ନର୍ସିଂ ସିଟ୍ ରହିବ। ଉତ୍ତରପ୍ରଦେଶରେ ସର୍ବାଧିକ ୨୭ଟି ନର୍ସିଂ କଲେଜ ଖୋଲିବାକୁ ଥିବାବେଳେ ଓଡ଼ିଶାରେ ୭ଟି ଖୋଲିବ । ରାଜସ୍ଥାନରେ ୨୩, ମଧ୍ୟପ୍ରଦେଶରେ ୧୪, ତାମିଲନାଡୁ ଓ ପଶ୍ଚିମବଙ୍ଗରେ ୧୧ଟି ଲେଖାଏ, ଜମ୍ମୁ-କଶ୍ମୀରରେ ୭, ଆସାମ, ଛତିଶଗଡ଼, ଗୁଜରାଟ, ଝାଡ଼ଖଣ୍ଡରେ ୫ଟି ଲେଖାଏ ନର୍ସିଂ କଲେଜ ଖୋଲିବାକୁ ନିଷ୍ପତ୍ତି ହୋଇଛି । କର୍ଣ୍ଣାଟକ, ଉତ୍ତରାଖଣ୍ଡରେ ୪ଟି ଲେଖାଏ, ପଞ୍ଜାବ ଓ ହିମାଚଳପ୍ରଦେଶରେ ୩ଟି ଲେଖାଏ ଏବଂ ହରିୟାଣାରେ ଗୋଟିଏ ନର୍ସିଂ କଲେଜ ଖୋଲିବ ।

# ଇଞ୍ଜିନିୟରିଂ ପାଠକୁ ନାହିଁ ଆଗ୍ରହ: ଖାଲିପଡୁଛି ୪୦%ରୁ ଅଧିକ ସିଟ୍

ନୂଆଦିଲ୍ଲୀ: ଦେଶରେ ମଞ୍ଜୁର କରାଯାଇଥିବା ମୋଟ ଇଞ୍ଜିନିୟରିଂ ସିଟ୍ ମଧ୍ୟରୁ ଅନୁନ୍ୟ ୩୫ରୁ ୪୦ ପ୍ରତିଶତ ସିଟ୍ ପ୍ରତିବର୍ଷ ଖାଲି ରହି ଯାଉଛି । ଖାଲିପଡୁଥିବା ଅଧିକାଂଶ ସିଟ୍ ଘରୋଇ ଇଞ୍ଜିନିୟରିଂ କଲେଜମାନଙ୍କର। ଅଲଇଣ୍ଡିଆ କାଉନସିଲ ଫର ଟେକ୍ନିକାଲ ଏଜୁକେସନ (ଏଆଇସିଟିଇ)ଙ୍କ ତଥ୍ୟ ବିଶ୍ଳେଷଣ କରିବା ପରେ ଏହା ଜଣାପଡିଛି । ତଥ୍ୟ ଅନୁସାରେ ଯେଉଁ ସବୁ କଲେଜରେ ଇଞ୍ଜିନିୟରିଂ ସିଟ୍ ଖାଲି ରହି ଯାଉଛି ସେ ସବୁ ଅର୍ଦ୍ଧସହରାଞ୍ଚଳ ଅଥବା ଗ୍ରାମାଞ୍ଚଳରେ ଅବସ୍ଥିତ ।

ଅଧିକାରୀକ ତଥ୍ୟ ଅନୁସାରେ ଏକାଡେମିକ ସେସନ୍ ୨୦୨୧-୨୨ରେ ଇଞ୍ଜିନିୟରିଂ କଲେଜମାନଙ୍କରେ ଅଣ୍ଡରଗ୍ରାଜୁଏଟ୍ କୋର୍ସରେ ୩୩ ପ୍ରତିଶତ ସିଟ୍ ଖାଲି ରହିଯାଇଥିଲା । ସେହିପରି ୨୦୧୯-୨୦ ଓ ୨୦୨୦-୨୧ରେ ପ୍ରାୟ ୪୪ ପ୍ରତିଶତ ଇଞ୍ଜିନିୟରିଂ ସିଟ୍ରେ ଆଡମିସନ କରିବାକୁ ପିଲା ନଥିଲେ । ସେହିପରି କୋଭିଡ୍-୧୯ ପୂର୍ବରୁ ଇଞ୍ଜିନିୟରିଂ କଲେଜମାନଙ୍କରେ ଖାଲିସିଟ୍ ସଂଖ୍ୟା ଆହୁରି ବି ଅଧିକ ଥିଲା । ଏଥିରେ ୨୦୧୮-୧୯ରେ ୪୮.୫୬ ଓ ୨୦୧୭-୧୮ରେ ୪୯.୧୪ ପ୍ରତିଶତ ସିଟ୍ ଖାଲିପଡିଥିଲା । ଅଧିକାରୀଙ୍କ ଅନୁସାରେ ଇଞ୍ଜିନିରିଂ



କଲେଜମାନଙ୍କରେ ଛାତ୍ରଛାତ୍ରୀଙ୍କ ଆଡମିସନ ଚାହିଦା ଓ ଯୋଗାଣ ଉପରେ ନିର୍ଭର କରୁଛି । ଦେଶରେ ବହୁ ସଂଖ୍ୟାରେ ଘରୋଇ ଇଞ୍ଜିନିୟରିଂ କଲେଜ ସବୁ ଖୋଲିଯାଇଥିବା ବେଳେ ଏହି ସବୁ କଲେଜରେ ଯେଉଁ ସବୁ କୋର୍ସ ପଢ଼ାଯାଉଛି ତାହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପପୁଲାର ନୁହେଁ । ଅଧିକାଂଶ କଲେଜରେ ସିଭିଲ, ଇଲେକ୍ଟ୍ରିକାଲ, ମେକାନିକାଲ ଓ କେମିକାଲ ଇଞ୍ଜିନିୟରିଂ ଭଳି କୋର କୋର୍ସେସ୍ ପଢାଉଛନ୍ତି। ହେଲେ ଏବେ ପିଲାଙ୍କ ପ୍ରଥମ ପସନ୍ଦ କମ୍ପ୍ୟୁଟର ସାଇନ୍ସ । କାରଣ ଏଥିରେ ଚାକିରୀ ଅନେକ ଅବସର ରହୁଛି । ତେବେ କୋର ସବଜେକ୍ଟ ପଢିବା ପରେ ଛାତ୍ରଛାତ୍ରୀଙ୍କୁ ଜବ ଖୋଜିବାକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଣୁ ଛାତ୍ରଛାତ୍ରୀ ଏପରି କୋର୍ସରେ ଆଡମିସନ କରିବାକୁ ଚାହୁଁ ନାହାନ୍ତି । ତେବେ ଏଆଇସିଟିଇଙ୍କ ଜନୈକ ବରିଷ୍ଠ ଅଧିକାରୀ ଉପୁଜିଥିବା ପରିସ୍ଥିତିର ମୁକାବିଲା ଲାଗି ଏବେ ପଦକ୍ଷେପ ନିଆଯାଉଥିବା କହିଛନ୍ତି । କୋର କୋର୍ସେସ ବଦଳେ ଇଞ୍ଜିନିୟରିଂ କଲେଜମାନଙ୍କୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି, ରବୋଟିକ୍ସ, ଆଇଓଟି ଭଳି ଚାହିଦା ଥିବା ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ପଢିବାର ସୁଯୋଗ ଦେବା ପାଇଁ କୁହାଯାଉଥିବା ଅଧିକାରୀ କହିଛନ୍ତି ।

# ଫଟୋରେ ଖବର

THE AADHAR ODISHA
ଆଧାର ଓଡ଼ିଶା

ପବିତ୍ର ଅକ୍ଷୟ ତୃତୀୟାଠାରୁ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁଙ୍କର ପବିତ୍ର ଚନ୍ଦନ ଯାତ୍ରାର ଶୁଭାରମ୍ଭ ହୋଇଛି । ବିଜେ ପ୍ରତିମାମାନେ ନରେନ୍ଦ୍ର ପୁଷ୍କରିଣୀରେ ୨୧ ଦିନ ବ୍ୟାପୀ ନନ୍ଦା ଓ ଭଦ୍ରା ନାମିତ ଚାପଡଙ୍ଗାରେ ନୌବିହାର କରିବା ସହ ଚନ୍ଦନ ମଣ୍ଡପକୁ ବିଜେ କରିଥାନ୍ତି ।

ଚନ୍ଦନ ଯାତ୍ରା ପଟୁଆରରେ ସମୁଦାୟ ଦଶଗୋଟି ଚଳନ୍ତି ପ୍ରତିମା ବିମାନ ଓ ପାଲିଙ୍କିରେ ବିଜେ କରିଥାନ୍ତି । ସବୁଠୁ ସୁଦୃଶ୍ୟ ବିମାନରେ ବିଜେ କରିଥାନ୍ତି ମଦନମୋହନ, ଶ୍ରୀଦେବୀ (ବା ଲକ୍ଷ୍ମୀ) ଓ ଭୂଦେବୀ (ବା ସରସ୍ୱତୀ, ବିଶ୍ୱଧାତ୍ରୀ) ।

ବିମାନ ପଛ ପାଲିଙ୍କିଟିରେ ବଳରାମ ଓ କୃଷ୍ଣ ଆରୋହଣ କରିଥାନ୍ତି ପୁଣି ଅନ୍ୟ ପାଞ୍ଚଗୋଟି ବିମାନରେ ପଞ୍ଚୁପାଣ୍ଡବ ରୂପେ ପରିଚିତ ପଞ୍ଚ ମହାଦେବ ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀଜମ୍ବେଶ୍ୱର ଓ ଶ୍ରୀକପାଳମୋଚନ ବିଜେ କରିଥାନ୍ତି । ନରେନ୍ଦ୍ର ପୁଷ୍କରିଣୀ କୁଳରେ ଏକ ଛାମୁଣ୍ଡିଆ ତିଆରି ହୋଇଥାଏ । ସେହି ଛାମୁଣ୍ଡିଆ ତଳେ ଦଶଟି ଯାକ ଚଳନ୍ତି ପ୍ରତିମାଙ୍କୁ ଅବସ୍ଥାପିତ କରାଯାଇ ରୁପା ପିଙ୍ଗଣରେ ଥିବା ସୁବାଷିତ ଜଳରେ ପଦଧୌତ କରାଯାଏ ।

ଯୋଡ଼ିଏ ଲେଖାଁଏ ନୌକା ଯୁକ୍ତ ହୋଇ ଦୁଇ ଗୋଟି ଚାପ ପ୍ରସ୍ତୁତ ହୋଇ ଥାଏ । ଚାପ ଗୁଡ଼ିକୁ ଜରିକାମ ହୋଇଥିବା ମଣ୍ଡଣିଦ୍ୱାରା ସୁଶୋଭିତ କରାଯାଇଥାଏ । ଗୋଟିଏ ଚାପରେ ଥିବା ରୁପା କାରୁକାର୍ଯ୍ୟ ସମ୍ପନ୍ନ ସିଂହାସନରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ବଳରାମ ଓ କୃଷ୍ଣ ଉପବେଶନ କରନ୍ତି ।

ଅନ୍ୟ ଚାପଟିରେ ବସନ୍ତି ପଞ୍ଚୁପାଣ୍ଡବ ରୂପେ ପରିଚିତ ମହାଦେବମାନେ। ପ୍ରତିମାମାନଙ୍କ ସହ ଚାପଦ୍ୱୟରେ ପୂଜାପଣ୍ଡା, ସିଂହାରୀ, ଗରାବଡୁ, ସୁଆରବଡୁ, ପତ୍ରୀବଡୁ, ହଡ଼ପ, ଖୁଣ୍ଟିଆ ପ୍ରଭୃତି ସେବକ ରହିଥାଆନ୍ତି । ଚାପ ଦ୍ୱୟ ନରେନ୍ଦ୍ର ଜଳରେ ଘେରାଏ ଘେରାଏ ବୁଲି ଆସନ୍ତି ।



















# ଖୋଜା ପଡ଼ିବ ଖଳନାୟକ

ଓଲିଉଡରେ ଖୋଜା ପଡିବ ଖଳନାୟକ । ଖଳନାୟକ ଶୂନ୍ୟ ହେବାକୁ ବସିଛି ଓଲିଉଡ । ଜଣକ ପରେ ଜଣେ ଖଳନାୟକ ଦୁନିଆ ରଙ୍ଗମଞ୍ଚରୁ ବିଦାୟ ନେଉଛନ୍ତି । ପ୍ରଥମେ ଦୁଃଖୀରାମ ସ୍ୱାଇଁ ପରେ ପରେ ହର ପଟ୍ଟନାୟକ ଏବଂ ମୀନକେତନ । ଆଉ ତା ପରେ ରାଇମୋହନ । ଆଉ ଏବେ ଏବେ ଖଳନାୟକ ଭୂମିକାରେ ଅଭିନୟ କରୁଥିବା ପିଣ୍ଟୁ ନନ୍ଦ । ଜୀବନ ମଞ୍ଚରୁ ବାହୁଡିଯାଇଛନ୍ତି ଓଲିଉଡର ଏହି ଖଳନାୟକ। ଆଉ ଶୁଣିବାକୁ ମିଳୁନି ଏଭଳି ଖଳନାୟକଙ୍କର ଚରିତ୍ରର ସଂଳାପ । ଦେଖିବାକୁ ମିଳୁନି ଦମଦାର ଡାଇଲଗ। ଲାଗୁଛି ଖଳନାୟକ ଅଭିନେତାଙ୍କ ଶୂନ୍ୟତା ଛାଇ ଯାଇଛି ସାରା ଓଲିଉଡ୍‌ରେ । ଗତ କିଛିଟା ଦିନରେ ଓଡିଆ ସିନେ ଜଗତ ହ ର ା ଇ ଛି ଏ ଭ ଳି ଖଳନାୟକମାନଙ୍କୁ ।

ସେ ହରପଟ୍ଟନାୟକ ହୁଅନ୍ତୁ...କି ମୀନକେତନ..କି ରାଇମୋହନ.. ଅବା ଦୁଃଖିରାମ । ଆଜି ବି କାନରେ ଗୁଞ୍ଜରିତ ହୁଏ ଏମାନଙ୍କ ଦମଦାର୍ ଡାଇଲଗ୍ । ନୂଆ କଳାକାର ଥିଲେ ସୁଦ୍ଧା ଆଜି ଅତୀତ ହୋଇଯାଇଥିବା ଏହି କଳାକାରଙ୍କ ଶୂନ୍ୟସ୍ଥାନ ସବୁଦିନ ପାଇଁ ଅପୂରଣୀୟ ହୋଇରହିବ । ଯେଉଁମାନଙ୍କ ଉପରେ ଚଳଚ୍ଚିତ୍ର ଏକ ପ୍ରକାର ନିର୍ଭର କରୁଥିଲା । ତାଙ୍କ ଆବର୍ତ୍ତମାନରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ।


ଓଡିଆ ସିନେମା ଜଗତର ଅପ୍ରତିଦ୍ୱନ୍ଦି ଖଳନାୟକ ହର ପଟ୍ଟନାୟକ । ସେ ହସୁଥିଲେ ସମସ୍ତଙ୍କୁ ଡର ଲାଗୁଥିଲା । ଏବେ ବି ତାଙ୍କ ଡାଇଲଗ ମା ରାଣ, ଫୁଲ୍ ବୋବାଲ, ନାଇଁ ନାଇଁ ନାଇଁ ମ, ଚକମା ଚୁର, କଟକଟ କଟରା ଡାଇଲଗକୁ ଝୁରୁଛନ୍ତି ଦର୍ଶକ। ସମସ୍ତଙ୍କ ପ୍ରିୟ ହର ଭାଇ । ପରଦା ଉପରେ ଯେମିତ ଦମଦାର୍ ଖଳନାୟିକୀ ଦେଖାଇଥିଲେ, ପରଦା ପଛରେ ରହି ଅନେକ ହିଟ୍ ଫିଲ୍ମର ମଧ୍ୟ ନିର୍ଦ୍ଦେଶନା ଦେଇଥିଲେ। ୨୦୧୫ ଜାନୁଆରୀ ୧୩ରେ କ୍ୟାନ୍ସରରେ ପୀଡିତ ହୋଇ ଆଖିବୁଜିଥିଲେ ହରପଟ୍ଟନାୟକ । ତାଙ୍କ ଆବର୍ତ୍ତମାନ ପରେ ଓଲିଉଡ ଜଗତରେ ଏକ ବିରାଟ ଶୂନ୍ୟତା ସୃଷ୍ଟି ହୋଇଛି । ସେହିପରି ଓଲିଉଡ ଓ ଯଲିଉଡର ଜଣେ ଚର୍ଚ୍ଚିତ ଖଳନାୟକ ରାଇମୋହନ ପରିଡା । ପକା କମ୍ବଳ ପୋତ ଛତା ଫିଲ୍ମ ଜରିଆରେ ଜଣେ ଗୁଣ୍ଡା ଚରିତ୍ରରେ ଅଭିନୟ କରିଥିଲେ ରାଇମୋହନ । ଆଉ ତା ପରେ ୫୦ ରୁ ଉର୍ଦ୍ଧ୍ୱ ସିନେମାରେ ସେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ରାଜ୍ କରୁଥିଲେ। ସେହିପରି ମୀନକେତନ ହୁଅନ୍ତୁ କି ଦୁଃ ଖିରାମ କିମ୍ବା ଏବେ ଏବେ ଖଳନାୟକ ଭୂମିକାରେ ଅ ଭ ି ନ ୟ କରିଥିବା ପିଣ୍ଟୁ ନନ୍ଦ । ଏହି ସମସ୍ତଙ୍କ ଅଭିନୟ ଅତି ଜୀବନ୍ତ ଥିଲା । ବିଜୟ ମହାନ୍ତି, ଦେବୁ ବୋଷ, ରବି ମିଶ୍ର, ସଳିଳ ମିତ୍ର, ଅଜିତ ଦାସ, ରାନୁ ପରିଜା, ଅନୀତା ଦାସ ଭଳି ଅନେକ ବରିଷ୍ଠ ଅଭିନେତା, ଅଭିନେତ୍ରୀ ଆଜି ଆଉ ଆମ ଗହଣରେ ନାହାନ୍ତି । କିଏ ଚରିତ୍ର ଅଭିନୟ କରି ତ କିଏ ଖଳନାୟକ ଭୂମିକାରେ ଦର୍ଶକଙ୍କୁ ବାନ୍ଧିରଖୁଥିଲେ। ଆଜି ସେମାନେ ଅତୀତ। ଯେଉଁମାନେ ନିଜ ଅଭିନୟ ସାରି ଫେରି ଯାଇଛନ୍ତି ଅଫେରା ରାଇଜକୁ। ହେଲେ ଆଜି ବି ତାଙ୍କୁ ଝୁରୁଛି ଓଲିଉଡ..ଝୁରୁଛନ୍ତି କୋଟି କୋଟି ଓଡିଆ।



ଖରା ଦିନକୁ ଦିନ ପ୍ରଖର ହେବାରେ ଲାଗିଛି । ଏମିତିରେ ସଭିଙ୍କ ଶରୀରରୁ ଅଧିକ ଝାଳ ମଧ୍ୟ ବାହାରୁଛି । ହେଲେ କାହା କାହାଠାରେ ଏହି ଝାଳ ଖୁବ୍ ଗନ୍ଧ ହୋଇଥାଏ, ଯାହାକୁ ଦୂର କରିବା ଲାଗି ସେମାନେ ପର୍ଫ୍ୟୁମ୍, ଡିଓଡରାଣ୍ଟ, ପାଉଡର ଆଦି ବ୍ୟବହାର କରନ୍ତି। ଯଦି ଆପଣଙ୍କର ବି ଏଭଳି ସମସ୍ୟା ରହିଛି ତେବେ କେତେକ ଘରୋଇ ଉପଚାର ଦ୍ୱାରା ଉପକୃତ ହୋଇପାରିବେ।

# ଦୂର କରନ୍ତୁ ଝାଳଗନ୍ଧ





**ପ୍ରତିଦିନ ଗାଧାନ୍ତୁ:** ପ୍ରତିଦିନ ଭଲ ଭାବେ ଗାଧୋଇବା ସହ ନିଜ ପୋଷାକପତ୍ରକୁ ମଧ୍ୟ ସଫା ରଖନ୍ତୁ । ବାସ୍ତବରେ ଝାଳରେ କୌଣସି ଗନ୍ଧ ନ ଥାଏ। ହେଲେ ବିଭିନ୍ନ କାରଣରୁ ବ୍ୟାକ୍ଟେରିଆ ହେବା ଦ୍ୱାରା ଝାଳଗନ୍ଧ ଆରମ୍ଭ ହୋଇଥାଏ । ତେଣୁ ଭଲ ଭାବେ ଗାଧୋଇବା ଦ୍ୱାରା ବ୍ୟାକ୍ଟେରିଆ ସୃଷ୍ଟି ହୋଇ ନ ଥାଏ ଏବଂ ଝାଳଗନ୍ଧ ମଧ୍ୟ ହୋଇ ନ ଥାଏ ।

**ନଡ଼ିଆ ତେଲ ଉପକାରୀ:** ଗାଧୋଇବା ପରେ ଅଳ୍ପ ନଡ଼ିଆ ତେଲ ଲଗାଇଲେ ଏଥିରେ ଥିବା ଆଣ୍ଟିମାଇକ୍ରୋବାୟାଲ୍ ତତ୍ତ୍ୱ ଶରୀରରେ ବ୍ୟାକ୍ଟେରିଆ ଉତ୍ପନ୍ନ ହେବାକୁ ଦେଇ ନ ଥାଏ । ଫଳରେ ଝାଳଗନ୍ଧ ହୋଇ ନ ଥାଏ । ନଡ଼ିଆ ତେଲ ବ୍ୟତୀତ ଆପଣ ଅନ୍ୟ ଆରୋମା ଅଏଲ୍ ମଧ୍ୟ ବ୍ୟବହାର କରିପାରିବେ ।

**ଗନ୍ଧରୁ ଦୂରେଇ ରଖିବ ଗୋଲାପ ଜଳ:** ଗାଧୁଆ ପାଣିରେ କିଛି ଗୋଲାପ ଜଳ ମିଶାଇ ପ୍ରତିଦିନ ଗାଧୋଇବା ଦ୍ୱାରା ଝାଳଗନ୍ଧ ଦୂର ହୋଇଥାଏ। ତୁଳାରେ କିଛି ଗୋଲାପ ଜଳ ନେଇ ଝାଳ ହେଉଥିବା ସ୍ଥାନରେ ଲଗାଇପାରିବେ କିମ୍ବା ସ୍ପ୍ରେ କରିବା ଦ୍ୱାରା ଏହା ଶରୀରକୁ ପ୍ରାକୃତିକ ସୁଗନ୍ଧ ଦେବାରେ ସାହାଯ୍ୟ କରିବ ।

**କଞ୍ଚାଆଳୁ ହଟାଇବ ଗନ୍ଧ:** ଝାଳଗନ୍ଧ ନ ହେବା ଲାଗି କଞ୍ଚାଆଳୁ ଆପଣଙ୍କୁ ବେଶ୍ ସାହାଯ୍ୟ କରିବ। କଟା କଞ୍ଚାଆଳୁକୁ କାଖରେ ଘଷନ୍ତୁ । ପ୍ରତିଦିନ ଏପରି କଲେ କିଛିଦିନ ମଧ୍ୟରେ ଧୀରେ ଧୀରେ ଆପଣ ଝାଳଗନ୍ଧ ଦୂର ହୋଇଥିବା ଅନୁଭବ କରିପାରିବେ ।

**ଫିଟିକିରି, ପୋଦିନା ବି ଲାଭଦାୟକ:** ପ୍ରତିଦିନ ଗାଧୋଇବା ପାଣିରେ ଖଣ୍ଡେ ଫିଟିକିରି ଏବଂ କିଛି ପୋଦିନା ପତ୍ର ପକାଇ ଗାଧାନ୍ତୁ । କିଛିଦିନ ଏପରି ପାଣିରେ ଗାଧୋଇବା ଅଭ୍ୟାସ କରନ୍ତୁ । ଦେଖିବେ ଝାଳଗନ୍ଧ ଖୁବ୍‌ଶୀଘ୍ର ଦୂର ହୋଇଯିବ ।

**ଲେମ୍ବୁ, ନିମ୍ବ ଦେବ ଗନ୍ଧରୁ ମୁକ୍ତି:** କାଖରେ ଖଣ୍ଡେ ଲେମ୍ବୁ ଘଷିବା ଦ୍ୱାରା ଝାଳଗନ୍ଧ ହୋଇ ନ ଥାଏ। ସେହିପରି ନିମ୍ବପତ୍ର ବଟା କାଖରେ ଲଗାଇଲେ ବ୍ୟାକ୍ଟେରିଆ ମରିଯିବା ଦ୍ୱାରା ଏହି ଗନ୍ଧ ଦୂର ହୋଇଥାଏ ।

# ଆଖୁ ରସ କେତେ ଉପକାରୀ

ଖରାଦିନେ ସୂର୍ଯ୍ୟଙ୍କ ପ୍ରଖର ଉତ୍ତାପରୁ ତଣ୍ଟି ଶୁଖିଗଲେ, ସେଥିରୁ ରକ୍ଷା ପାଇବା ପାଇଁ ଅନେକେ ବଜାରରେ ମିଳୁଥିବା କୋଲ୍ଡ ଡ୍ରିଙ୍କ୍ସ ପିଇଥାନ୍ତି। କିନ୍ତୁ ଏହା ପାଟିକୁ ସ୍ୱାଦ ଲାଗୁଥିଲେ ହେଁ ଶରୀର ପାଇଁ ଆଦୌ ଉପକାରୀ ହୋଇ ନଥାଏ । ତେଣୁ ଏଭଳି କ୍ଷେତ୍ରରେ ଶରୀରକୁ କୁଲ୍ ଫିଲିଙ୍ଗ୍ସ ଦେବା ପାଇଁ ଆମେ ଚାହିଁଲେ ବଜାରରେ ମିଳୁଥିବା ଆଖୁ ରସକୁ ବି ଆରାମରେ ପିଇପାରିବା। ଏହା ପାଟିକୁ ଯେମିତି ସ୍ୱାଦ ଲାଗେ ଶରୀର ପାଇଁ ସେମିତି ଉପକାରୀ ମଧ୍ୟ ହୋଇଥାଏ । କାରଣ ଆଖୁରେ ଭରି ରହିଥିବା ପୋଟାସିୟମ୍ ପାଚନ କ୍ରିୟାକୁ ସକ୍ରିୟ କରିବା ସଙ୍ଗେ ସଙ୍ଗେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ । ତାଛଡ଼ା ପେଟରେ ହେଉଥିବା ବିଭିନ୍ନ ପ୍ରକାର ସଂକ୍ରମଣରୁ ବି ଏହା ରକ୍ଷା କରିଥାଏ। ଖାସ୍‌କରି ଖରାଦିନେ ଗୋଟେ ଗ୍ଲାସ୍ ଆଖୁ ରସ ପିଇଦେଲେ ପେଟ ଥଣ୍ଡା ରହିବା ସହ ଶରୀରକୁ ଫୂର୍ତ୍ତି ଅନୁଭବ ହୋଇ ଥାଏ। ତ୍ୱଚାରେ ଚମକ ଆଣିବା ସହ ହୃଦ୍ ସମସ୍ୟାରୁ ମୁକ୍ତି ଦେବାରେ ବି ଏହା ବେଶ୍ ଉପକାରୀ ହୁଏ।



THE AADHAR ODISHA
ଆଧାର୍ ଓଡ଼ିଶା

# ଅସୁରକ୍ଷିତ ଛାତ୍ରୀ ଓ ଶିକ୍ଷୟିତ୍ରୀ: ବିଭାଗ ନୀରବଦ୍ରଷ୍ଟା

## ଦୁଇ ବର୍ଷ ହେବ ଭାଙ୍ଗିଲାଣି ବାଳିକା ହାଇସ୍କୁଲ ପାଚେରୀ



ଆଠଗଡ : ଆଠଗଡର ବହୁ ପୁରାତନ ସରକାରୀ ବାଳିକା ହାଇସ୍କୁଲର ପଛପାଖର ପାଚେରୀ ୨ଟି ସ୍ଥାନରେ ପ୍ରାୟ ୨ବର୍ଷରୁ ଅଧିକ ସମୟ ହେବ ଭାଙ୍ଗିଯାଇଛି । ଫଳରେ ବହୁ ଅସମାଜିକ ତତ୍ତ୍ୱ ବିଦ୍ୟାଳୟ ମଧ୍ୟରେ ଅବାଧ ବିଚରଣ କରିବା ସହ ବିଭିନ୍ନ ସାମଗ୍ରୀ ଚୋରୀ କରୁଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଓ ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ବାରମ୍ବାର ପୂର୍ତ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ପଛପଟେ ବହୁ ପୁରୁଣା ପାଚେରୀର ଗୋଟିଏ ସ୍ଥାନରେ ୧୦ ଫୁଟ୍ ଓ ଅନ୍ୟ ଏକ ସ୍ଥାନରେ ୧୫ ଫୁଟରୁ ଅଧିକ ଚଉଡା ପାଚେରୀ ଭାଙ୍ଗିଯାଇଛି । ବିଗତ ବର୍ଷ ଏହି ବିଦ୍ୟାଳୟଟି ୫-ଟି ବିଭାଗ ଦ୍ୱାରା ରୂପାନ୍ତରିତ ହୋଇଥିବାବେଳେ ଏହି ଭଙ୍ଗା ପାଚେରୀକୁ ମରାମତି କରିବା ପାଇଁ କୌଣସି ପଦକ୍ଷେପ ନିଆଗଲା ନାହିଁ । ପାଚେରୀ ଭାଙ୍ଗିବା ଫଳରେ ବିଦ୍ୟାଳୟ ପରିସରରେ ଥିବା କ୍ୱାର୍ଟରରେ ଶିକ୍ଷୟିତ୍ରୀ ଓ କର୍ମଚାରୀ ରହୁଥିବାବେଳେ ସବୁବେଳେ ସେମାନଙ୍କର ଚୋରୀ ଭୟ ରହୁଛି । କାରଣ ସ୍କୁଲ୍ ପରିସରରେ ଥିବା ଅନେକ ସାମଗ୍ରୀ ଇତିମଧ୍ୟରେ ଚୋରି ହୋଇଯାଇଛି । ଚୋରୀ ଘଟଣାକୁ ନେଇ ମଧ୍ୟ ଥାନାରେ ଅଭିଯୋଗ ହୋଇଛି । ଏବେ ପ୍ରାୟ ପ୍ରତିଦିନ ମଧ୍ୟରାତ୍ରିରେ କିଛି ଅସମାଜିକ ତତ୍ତ୍ୱ ଉକ୍ତ ବିଦ୍ୟାଳୟ ମଧ୍ୟକୁ ଭାଙ୍ଗିଥିବା ପାଚେରୀ ବାଟରେ ଆସି ବୁଲାବୁଲି କରିବା ସହ ଚୋରୀ କରୁଛନ୍ତି ଏବଂ ଏପରିକି ସ୍କୁଲ ପରିସରରେ ମଳତ୍ୟାଗ କରୁଛନ୍ତି ବୋଲି ସ୍କୁଲ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ । ପୂର୍ତ୍ତବିଭାଗ ପକ୍ଷରୁ ଉକ୍ତ ପାଚେରୀ ନିର୍ମାଣ ପାଇଁ ଶାସକ ଦଳର ଜଣେ ଅନଭିଜ୍ଞ ଠିକାଦାରଙ୍କୁ ଦୀର୍ଘଦିନ ହେଲା କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ ସେ ଏହା କରୁନଥିବା ଅନ୍ୟ ଏକ ସୂତ୍ରରୁ ଜଣାପଡିଛି। ଏ ସଂପର୍କରେ ପୂର୍ତ୍ତବିଭାଗ ଚୌଦ୍ୱାର ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଇଂ ପ୍ରଦୀପ କୁମାର ମହାନ୍ତିଙ୍କୁ ତାଙ୍କ ପ୍ରତିକ୍ରିୟା ପଚାରିବାରୁ ଖୁବ୍‌ଶୀଘ୍ର ବାଳିକା ହାଇସ୍କୁଲର ଭାଙ୍ଗିଥିବା ପାଚେରୀ ନବୀକରଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।

# ଉପାନ୍ତ ଅଞ୍ଚଳରେ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ



ବୌଦ୍ଧ: ଉପାନ୍ତ ଅଞ୍ଚଳରେ ମ୍ୟାଲେରିଆ ମୁକ୍ତ ପାଇଁ ବାଉଁଶୁଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚନ୍ଦ୍ରମା ପକ୍ଷରୁ ଆରମ୍ଭ କରାଯାଇଛି ସଚେତନତା ଅଭିଯାନ । ବୌଦ୍ଧ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା ଅପହଞ୍ଚ ଇଲାକା ଶଗଡା ପଞ୍ଚାୟତ ଅନ୍ତର୍ଗତ ଚାଞ୍ଚେର ଗ୍ରାମରେ ମଙ୍ଗଳବାର ବିଶ୍ୱ ମେଲେରିଆ ଦିବସ ଅବସରରେ ଲୋକଙ୍କୁ ସଚେତନତା କରାଯାଇଛି । ଗ୍ରାମରେ ସଚେତନତା ଅଭିଯାନ ଆରମ୍ଭ କରିବା ସହିତ ଦାସକାଠିଆ ପାଲା ମାଧ୍ୟମରେ ଲୋକେ କେମିତି ମସାରି ବ୍ୟବହାର କରିବେ ସେନେଇ ସଚେତନ କରାଯାଇଛି । ଚନ୍ଦ୍ରମା ଅନୁଷ୍ଠାନର ସମ୍ପାଦକ ରମେଶ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବାଉଁଶୁଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ରାଜୀବ ରଞ୍ଜନ ନାୟକ, ସ୍ଥାନୀୟ ସରପଞ୍ଚ ସନ୍ଧ୍ୟାରାଣୀ ମହାକୁଳ ଓ ବିପିଏମ୍ ସୁଧାଂଶୁ ଶେଖର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ବାଉଁଶୁଣି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମ୍ୟାଲେରିଆ ସୁପରଭାଇଜର ମନୋଜ କୁମାର ସାହୁ ଲୋକଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ମ୍ୟାଲେରିଆ ରୋଗର କାରଣ, ଲକ୍ଷଣ ଓ ନିରାକରଣ ବାବଦରେ ଅବଗତ କରେଇଥିଲେ ଶେଷରେ ଚନ୍ଦ୍ରମା ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ମେହେର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସିଙ୍କୁ ଧନ୍ୟବାଦ ଦେଇଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ରାୟଗଡ଼ା: ଭାରତୀୟ ମଜଦୁର ସଂଘର ୨୦ ତମ ତୈବାର୍ଷିକ ଅଧିବେଶନ ବିହାର ରାଜ୍ୟର ପାଟନା ଠାରେ ଅନୁଷ୍ଠିତ ଅଧିବେଶନରେ ସମଗ୍ର ଦେଶରୁ ପ୍ରାୟ ୩୦୦୦ ହଜାର ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ । ଉକ୍ତ ଅଧିବେଶନରେ ୪ଟି ଶ୍ରମ ଆଇନ ପ୍ରସ୍ତାବ ପାରିତ ହୋଇଥିଲା । ଉକ୍ତ ପ୍ରସ୍ତାବକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସମସ୍ତ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଏହି ଅବସରରେ ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୁର ସଂଘର ସଭାପତି ମହାନରାଓ ମାଝୀ, ଜିଲ୍ଲା ସଂପାଦକ ଗଣେଶ କୁମାର ସାହୁ ଏବଂ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗଙ୍କ ନେତୃତ୍ୱରେ ସ୍ଥାନୀୟ ଗଜପତି ଛକରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସଙ୍କ ଉପସ୍ଥିତିରେ ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ଧର୍ମାନନ୍ଦ ବେହେରାଙ୍କୁ ୪ ଦଫା ପ୍ରସ୍ତାବ ପତ୍ର ପ୍ରଦାନ କରାଯିବା ସହ ଓଡ଼ିଶାରେ ଆପୋଲୋ ହସ୍ପିଟାଲରେ ହେଉଥିବା ଦୁର୍ନୀତି ବିରୋଧରେ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୩ ଦଫା ଦାବିପତ୍ର ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଧାନ କରାଯାଇଥିଲା । ଦିଆଯାଇଥିବା ବିଭିନ୍ନ ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ପାରିତ କରାଯାଇଛି। ଏହା କୋଟି କୋଟି ଶ୍ରମିକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଠାରେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ଦାବି କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମନାଭ ଦାଶ, ବିଦ୍ୟାଭୂଷଣ ପଣ୍ଡା, ଶ୍ୟାମ କୁମାର ଦାସ, ପ୍ରଫୁଲ୍ଲ ପାତ୍ର, ସହ ସଂଘର ସଂଲଗ୍ନ ସମସ୍ତ ସଂଗଠନର ପ୍ରାୟ ୧ ହଜାର କାର୍ଯ୍ୟକର୍ତ୍ତା ଯୋଗଦେଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ଭାରତୀୟ ମଜଦୁର ସଂଘର ଦୂର୍ଗା ମାଧବ ଘୋଷ, ଜୟନ୍ତୀ ପଦ୍ମାଳୟା ସାହୁ, ଉଷାରାଣୀ ଦାସ, ନିରଞ୍ଜନ ସେନାପତି, ଗୀତାଞ୍ଜଳି ହିଆଲ, ରାମ ବାବୁ, ଜୟଦେବ ସେଠ ପ୍ରମୁଖ ପରିଚାଳନା କରିଥିଲେ।

# ବିଶ୍ୱ ଯୋଗ ଦିବସ ପାଳନ ସକାଶେ ପ୍ରସ୍ତୁତି ବୈଠକ

ସୁବର୍ଣ୍ଣପୁର: ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ନିଯୁକ୍ତ ଜିଲ୍ଲାର ଯୋଗ ପ୍ରଶିକ୍ଷକଙ୍କ ଏକ ବୈଠକ ସ୍ଥାନୀୟ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଯୋଗ ସଂସ୍ଥାନ ସଭାପତି ମନୋଜ ପଣ୍ଡା ଓ ଜିଲ୍ଲା ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ ସାହୁଙ୍କ ସଂଯୋଜନାରେ ଜିଲ୍ଲାର ପ୍ରତି ଡାକ୍ତର ଖାନାରେ ନିଯୁକ୍ତ ୨୯ ଜଣ ଯୋଗ ପ୍ରଶିକ୍ଷକ ଏ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ପ୍ରତି ରୋଗୀକୁ ଔଷଧ ସହିତ ହସ୍ପିଟାଲ ମାନଙ୍କରେ ଯୋଗ ପ୍ରଶିକ୍ଷଣ ଦେଇ ପ୍ରତି ରୋଗୀଙ୍କୁ ସ୍ୱାସ୍ଥ୍ୟବାନ କରିବା ସକାଶେ ଯୋଗକୁ ଏକ ଅଭ୍ୟାସ ଭାବେ ପରିଣତ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱରଞ୍ଜନ ପତି ସମସ୍ତ ଯୋଗ ପ୍ରଶିକ୍ଷକଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ଏଡିଏମ୍ ଓ ଏଫ ଡବ୍ଲୁ ଡାକ୍ତର ଦୈତ୍ୟ ନାରାୟନ ପାଢୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ମନୋଜ୍ କୁମାର ଅଦାବର, ଏଡିପିଏଚ୍‌ଓ ଡ. ରମେଶ ଚନ୍ଦ୍ର ସ୍ୱାଇଁ, ଡ. ପଦ୍ମ ହଂଶା ଦୋରା, ଡିପିଏମ୍ ବିଶ୍ୱମ୍ଭର ବେହେରା, ଡିଡି ଏମ୍ ପ୍ରଦୀପ କୁମାର ସାହୁ ପ୍ରମୁଖ ଏ ବୈଠକରେ ଯୋଗ ପ୍ରଶିକ୍ଷକଙ୍କ ଆଗାମୀ ଦିନର କାର୍ଯ୍ୟଶୈଳୀ ଉପରେ ସୁଚନା ଦେଇଥିଲେ । ସେହିପରି ଆଗାମୀ ବିଶ୍ୱ ଯୋଗ ଦିବସ ପାଳନ ଉପରେ ଏକ ଆଲୋଚନା କରା ଯାଇଥିଲା, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ପ୍ରତି ଯୋଗ ପ୍ରଶିକ୍ଷକକୁ ଏକ ପରିଚୟପତ୍ର ପ୍ରଦାନ କରା ଯାଇଛି । ସଭା ଶେଷରେ ଜିଲ୍ଲାର ଯୋଗ ପ୍ରଶିକ୍ଷକ ଦୀପ୍ତିରଞ୍ଜନ କର୍ଣ୍ଣ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଶିକ୍ଷା

ପ୍ରତିଯୋଗିତାମୂଳକ ପରୀକ୍ଷାରେ ଇଂଲିଶ୍ ବାକ୍ୟର ବ୍ୟାକରଣଜନିତ ଭ୍ରମ ସଂଶୋଧନ ଏକ ଅନିର୍ବାଯ୍ୟ ଅଙ୍ଗ। ଛାତ୍ରୀଛାତ୍ରଙ୍କ ବ୍ୟାକରଣ ଜ୍ଞାନ ବୃଦ୍ଧି ସକାଶେ ଆଧାର ଓଡ଼ିଶା ତରଫରୁ ଏହି ସ୍ତମ୍ଭକୁ ପ୍ରସ୍ତୁତ କରୁଛନ୍ତି ପ୍ରାଧ୍ୟାପକ ପ୍ରମୋଦ କୁମାର ରଥ।




## Correction of Errors

**Wrong : If you tried,you could have succeeded.**
**Right : If you tried,you could succeed.**
**Wrong : She has contributed for the growth of the society.**
**Right : She has contributed to the growth of the society.**
**Wrong : I can't explain you the merits of this scheme.**
**Right : I can't explain the merits of this scheme to you.**
**Wrong : He is enough sure of their arrival.**
**Right : He is sure enough of their arrival.**
**Wrong : They bade me to go there.**
**Right : They bade me go there.**
**Wrong : I think it will not rain.**
**Right : I don't think it will rain.**
**Wrong : Never a hero surrenders.**
**Right : Never does a hero surrender.**
**Wrong : I would rather die than to beg.**
**Right : I would rather die than beg.**
**Wrong : Were you travelling in your car when it was starting to rain?**
**Right : Were you travelling in your car when it started to rain?**
**Wrong : How can you say it is more perfect?**
**Right : How can you say it is perfect?**

# ଲୋପ ହେବାକୁ ବସିଛି ଔଷଧୀୟ ବୃକ୍ଷ



କେନ୍ଦୁଝର: କେନ୍ଦୁଝର ଜିଲ୍ଲାରେ ଖଣିଖନନ ନାମରେ ବ୍ୟାପକ ଜଙ୍ଗଲ ଧ୍ୱଂସ ଯୋଗୁଁ ଚେରମୂଳି ଔଷଧ ଜାତୀୟ ବୃକ୍ଷ ଲୋପ ପାଇବାକୁ ବସିଲାଣି। ଯୋଡ଼ା-ବଡ଼ବିଲ ଖଣି ଅଞ୍ଚଳ ମାନଙ୍କରେ ଏହି ବୃକ୍ଷ ସମ୍ପୂର୍ଣ୍ଣ ଲୋପ ପାଇବାକୁ ବସିଥିବା ବେଳେ ଜିଲ୍ଲାର ଅନ୍ୟ ଅଞ୍ଚଳମାନଙ୍କରୁ ମଧ୍ୟ ଏହା କ୍ରମଶଃ ଲୋପ ପାଇବାକୁ ବସିଛି । ଖଣିଖନନ ହେତୁ ଗନ୍ଧମାର୍ଦ୍ଦନରେ ଥିବା ଦୁର୍ଲ୍ଲଭ ପାତାଳଗରୁଡ଼, ବିଶଲ୍ୟକରଣୀ, ଅଗ୍ନିଜାଳ, ଖଣ୍ଡାଖାଇ ଆଦି ଔଷଧୀୟ ବୃକ୍ଷ ଲୁପ୍ତ ଅବସ୍ଥାରେ ପହଞ୍ଚିଛି ।

ଏତଦ୍ ବ୍ୟତୀତ ଏବେ ଖଣିମାଲିକଙ୍କ ଲୋଲୁପ ଦୃଷ୍ଟି ଖଣ୍ଡାଧାର ଜଳପ୍ରପାତ ଅଞ୍ଚଳ, ପର୍ଯ୍ୟଟନ କେନ୍ଦ୍ର ଗୋନାସିକା, ଗୁପ୍ତଗଙ୍ଗା ଆଦି ଅଞ୍ଚଳରେ ପଡ଼ିଥିବାରୁ ଯଦି ଏହି ଅଞ୍ଚଳ ମାନଙ୍କରେ ଖଣି ଉତ୍ତୋଳନ ପ୍ରକ୍ରିୟା ଆରମ୍ଭ ହୁଏ ତାହାଲେ ଉକ୍ତ ଅଞ୍ଚଳରେ ଥିବା ଔଷଧୀୟ ବୃକ୍ଷ ମଧ୍ୟ ଲୋପ ପାଇବ । ଏହି ଜିଲ୍ଲାର ଗରିବ ଅଧିବାସୀମାନେ ସାଧାରଣତଃ ଜଙ୍ଗଲରୁ ସଂଗୃହୀତ ଜଡ଼ିବୁଟି ତଥା କବିରାଜି ଚିକିତ୍ସା ଉପରେ ନିର୍ଭର କରି ସେମାନଙ୍କର ରୋଗରୁ ଆରୋଗ୍ୟ ମୁକ୍ତ ହୋଇଥାନ୍ତି। ଏହି ଚିକିତ୍ସା ଉପରେ ସେମାନଙ୍କର ଅଗାଧ ବିଶ୍ୱାସ ରହିଛି । ଚେରମୂଳି ଔଷଧ ଦ୍ୱାରା ଖୁବ୍ କମ୍ ଖର୍ଚ୍ଚରେ ଭଲ ହୋଇ ପାରୁଥିବା ରୋଗ ଏବେ ବହୁ ଅର୍ଥ ବ୍ୟୟ ସତ୍ତ୍ୱେ ରୋଗ ମୁକ୍ତ ହୋଇ ପାରୁନଥିବା ଦେଖାଯାଉଛି । ଚେରମୂଳି ଜାତୀୟ ଔଷଧୀୟ ବୃକ୍ଷର ବିଲୋପ ଯୋଗୁଁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ପୋଡୁ ଚାଷ ଯୋଗୁଁ ମଧ୍ୟ ବ୍ୟାପକ ଜଙ୍ଗଲ ଧ୍ୱଂସ କରାଯାଉ ଥିବାରୁ ବହୁ ଔଷଧୀୟ ବୃକ୍ଷ ନଷ୍ଟ ହେବାକୁ ଯାଉଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ସଫେଇ ହେଉନି ଡ୍ରେନ୍ : ବିପର୍ଯ୍ୟସ୍ତ ପରିମଳ



ଟିଗିରିଆ: ଟିଗିରିଆ ବ୍ଲକ ଅନ୍ତର୍ଗତ ଅଚଳକୋଟ ଗ୍ରାମ ସାନପାଟଣାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଗ୍ରାମରେ ଥିବା ଡ୍ରେନ୍ ସମୂହ ଦୀର୍ଘ ବର୍ଷ ହେଲା ସଫେଇ ହୋଇନଥିବାରୁ ଆବର୍ଜନା ଜଳ ରାସ୍ତାକୁ ଉଛୁଳି ପରିମଳ ବିଗାଡି ଦେଉଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି ।

ସୂଚନା ମୁତାବକ, ଗ୍ରାମରେ ପରିମଳ ସ୍ୱଚ୍ଛତା ଏବଂ ବର୍ଷା ଦିନିଆ ଜଳ ନିଷ୍କାସନ ପାଇଁ ୨୦୦୭ ମସିହାରେ ଡ୍ରେନ୍ ବ୍ୟବସ୍ଥା କରାଯାଇଥିଲା। ଲୋକଙ୍କ କହିବା ମୁତାବକ, ସେବେଠାରୁ ଡ୍ରେନ ଆଦୌ ସଫେଇ ହୋଇନାହିଁ । ଯାହା ଫଳରେ ଡ୍ରେନ୍‌ରେ ଅଳିଆ ଆବର୍ଜନା ସାଙ୍ଗକୁ ବର୍ଜ୍ୟବସ୍ତୁରେ ପୁରି ଯିବା ସହିତ ବର୍ଜ୍ୟ ଜଳ ନିଷ୍କାସନ ହୋଇ ନ ପାରି ନାଳ ଉଛୁଳି ରାସ୍ତା ଉପରେ ମାଡୁଛି। ଯାହା ଫଳରେ ଅପରିଷ୍କାର ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି । ଗାଁ ଗହଳିରେ ଏଭଳି ପରିସ୍ଥିତିରେ ଲୋକମାନଙ୍କ ଯାତାୟତରେ ବହୁତ ସମସ୍ୟା ସୃଷ୍ଟି ହେଉଛି। ଖରାଦିନେ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ବର୍ଷାଦିନିଆ ପରିସ୍ଥିତି ଆହୁରି ସଙ୍ଗୀନ ହୋଇପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଚାସଢ଼ା ଆବର୍ଜନା ଜମି ରହି ସନ୍ଧ୍ୟାପରେ ମଶା ଡାଆଁଶଙ୍କ ପ୍ରାଦୁର୍ଭାବ ବଢୁଛି । ଡ୍ରେନ ସଫା କରାନଗଲେ ଆଗାମୀ ଦିନରେ ଲୋକମାନେ ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେବାର ବହୁ ସମ୍ଭାବନା ରହିଛି । ଏଣୁ ଏ ଦିଗରେ ପଞ୍ଚାୟତ ତଥା ଗାଁ କଲ୍ୟାଣ ସମିତି ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

## ପାଣି ପାଇଁ ସଂଘର୍ଷ

ନୂଆପଡ଼ା: ଜଳୁଛି ନୂଆପଡ଼ା ଆଉ ପାଣି ମୁନ୍ଦାଏ ପାଇଁ ଡହଳବିକଳ ହେଉଛନ୍ତି ଲୋକେ । ଚୁଆ ପାଣି ଉପରେ ବର୍ଷ ତମାମ ଭରସା କରୁଛନ୍ତି ଲୁକୁପାଳି ଗାଁ ଲୋକେ । ଗାଁର ମହିଳା ମାନେ ପାଣି ମୁନ୍ଦାଏ ପାଇଁ କେମିତି ସଂଘର୍ଷ କରୁଛନ୍ତି ତାହା ନ ଦେଖିଲେ ବିଶ୍ୱାସ କରିହେବନି। ଗାଁ ନିକଟରେ ଥିବା ପୋଖରୀକୁ ଯାଇ ଚୁଆ କରି ପାଣି ଆଣିଥାନ୍ତି ଗ୍ରାମର ମହିଳା ମାନେ। ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଲୁକୁପାଳୀ ଗାଁରେ ରହିଛି ବାର ଗୋଟି ନଳକୂଅ । ହେଲେ ଅଧା ନଳକୂଅ ଅଚଳ ଅବସ୍ଥାରେ ଥିବା ବେଳେ ବାକି ନଳକୂଅ ରେ ଫ୍ଲୋରାଇଡ୍ ଯୁକ୍ତ ପାଣି ଏବଂ ଗୋଳିଆ ପାଣି ବାହାରୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । କେବଳ ଗ୍ରୀଷ୍ମ ଋତୁରେ ନୁହେଁ ବର୍ଷ ତମାମ ଏମାନଙ୍କ ଚୁଆ ପାଣି ଉପରେ ଭରସା କରିବାକୁ ପଡେ । ବର୍ତ୍ତମାନ ପ୍ରଚଣ୍ଡ ରୌଦ୍ରତାପରେ ନୂଆପଡ଼ା ଜଳୁଥିବା ବେଳେ ପାନୀୟ ଜଳର ଉତ୍କଟ ଅଭାବ ଦେଖା ଦେଇଛି । ଯଥାଶୀଘ୍ର ସମସ୍ୟାର ସମାଧାନ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରିଛନ୍ତି ଗ୍ରାମବାସୀ ।

## ଶେଯରେ କଟୁଛି ଜୀବନ



### ମିଳୁନାହିଁ ଚାଉଳ କି ଘର

ପାଟଣା: ୨୩ ବର୍ଷ ହେଲା ଦୁର୍ଘଟଣାରେ ଅକର୍ମଣ୍ୟ ହୋଇ ଶେଯରେ ପଡି ରହିଥିବା ଜଣେ ବ୍ୟକ୍ତିଙ୍କୁ ଆଧାର କାର୍ଡ ବାହାନାରେ ପଡ଼ି କାର୍ଡରେ ଚାଉଳ ନ ଦିଆଯିବା, ଆବାସ ଯୋଜନାରୁ ବଞ୍ଚିତ କରାଯିବା ଓ ହୁଇଲ ଚେୟାର ଖଣ୍ଡିଏ ନମିଳିବା ପାଟଣା ବ୍ଲକ ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନ ବାଚି ସୃଷ୍ଟି କରିଛି । ଏଭଳି ଘଟଣା ପାଟଣା ବ୍ଲକ୍ ମୁଷାଖୋରୀ ଗ୍ରାମର ମୁଷାନାଳି ସାହିର ସ୍ୱର୍ଗତ କ୍ଷେତ୍ର ମହାନ୍ତଙ୍କ ସାନ ପୁଅ କମଳା କାନ୍ତ ମହାନ୍ତ (୪୦)ଙ୍କ କ୍ଷେତ୍ର ରେ ଦେଖିବାକୁ ମିଳିଛି। ୨୦୦୧ ଅକ୍ଟୋବର ୩ରେ ପାଟଣାରେ ଦୁର୍ଘଟଣାରେ କମଳା କାନ୍ତ ପଙ୍ଗୁ ହୋଇ ଯାଇଥିଲେ । କଟକ ବଡ଼ ଡ଼ାକ୍ତରଖାନାରେ ୭ ମାସ ଓ ରେଙ୍ଗୁଳାରେ ୨ ମାସ ଚିକିତ୍ସା ସତ୍ତ୍ୱେ ତାଙ୍କର ମେରୁଦଣ୍ଡ ଅଚଳ ହୋଇପଡିବା ଓ ଦୁଇ ଗୋଡ଼ ପକ୍ଷାଘାତ ଆକ୍ରାନ୍ତ ହୋଇ ରହିଲା । ବାଧ ହୋଇ ବଡ଼ ଭାଇ ଚନ୍ଦ୍ରମୋହନ ତାଙ୍କୁ ଘରକୁ ନେଇ ଆସିଲେ । ସେବେଠାରୁ ସେ ନିଜ ଘରେ ଶଯ୍ୟାଶାୟୀ ହୋଇ ରହିଛନ୍ତି । ତାଙ୍କୁ ମିଳୁଥିବା ୭ ଶହ ଟଙ୍କା ଭତ୍ତା ହିଁ ତାଙ୍କର ଚିକିତ୍ସା ଓ ଅନ୍ୟାନ୍ୟ ଖର୍ଚ୍ଚର ସାହାରା ପାଲଟିଛି । ଏପରିକି ୫ ବର୍ଷ ହେଲା ଆଧାର କାର୍ଡ ହୋଇ ନଥିବାରୁ ତାଙ୍କୁ ପଡ଼ି କାର୍ଡ ରେ ମଧ୍ୟ ଚାଉଳ ମିଳୁନାହିଁ । ତାଙ୍କ ନାମରେ ପୂର୍ବରୁ ଆବାସ ଯୋଜନାରେ ଘର ଆସିଥିବା ସେ ଜାଣିଥିବା ବେଳେ ତାଙ୍କୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ମଧ୍ୟ ମିଳିନାହିଁ । ଏପରିକି ୨୦ ବର୍ଷ ତଳେ ମିଳୁଥିବା ହୁଇଲ୍ ଚେୟାରଟି ଭାଙ୍ଗି ରୁଜି ଯାଇଥିଲେ ମଧ୍ୟ ତାଙ୍କୁ ନୂଆ ସାଧାରଣ ଅଥବା ଯନ୍ତ୍ର ଚାଳିତ ହୁଇଲ ଚେୟାର ମଧ୍ୟ ମିଳିପାରୁ ନାହିଁ । ଯାହା ଫଳରେ କମଳାକାନ୍ତ ବଡ଼ ଭାଇଙ୍କ ଆଶ୍ରାରେ ଅସହାୟ ଜୀବନ ବିତାଉଛନ୍ତି । ୫ ଥର ଆଧାର ଫଟୋ ଉଠାଇ ଥିଲେ ମଧ୍ୟ ତାଙ୍କର ଆଧାର ହୋଇ ପାରୁନଥିବା ସେ ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପାଣିକୁ ନେଇ ଛତିଶଗଡ଼ର...

ପରିବାର ପ୍ରତିପୋଷଣ କରୁଥିବା ମତ୍ସ୍ୟଜୀବୀ ପରିବାର ମଧ୍ୟ ବେଶ ଖୁସି ପ୍ରକଟ କରିଛନ୍ତି । ତେବେ କାହିଁକି ଖରାଦିନେ ଛତିଶଗଡ଼ ଛାଡ଼ିଲା ପାଣି? ଆଗକୁ ମହାନଦୀ ଟ୍ରିବ୍ୟୁନାଲ୍ ସଦସ୍ୟ କଲମା ଅଞ୍ଚଳ ପରିଦର୍ଶନ କରିବାକୁ ଥିବାରୁ ବାଧ୍ୟ ହୋଇ ବ୍ୟାରେଜ୍ ଖୋଲିଲା କି? ଓଡ଼ିଶା ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି ଗେଟ୍ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଛତିଶଗଡ଼କୁ ବାରମ୍ବାର ଚିଠି ଲେଖାଯାଇଥିଲା। ଟ୍ରିବ୍ୟୁନାଲ୍ ସଦସ୍ୟ ଆସୁଥିବାରୁ ଛତିଶଗଡ଼ ପାଣି ଛାଡିଥାଇପାରେ ବୋଲି ସେ କହିଛନ୍ତି । ସେପଟେ ମହାନଦୀ ଜଳ ବିବାଦକୁ ନେଇ ପୁଣି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ ବିଜେପି ଓ କଂଗ୍ରେସ ।

ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠନ ହୋଇଥିବା ଟ୍ରିବ୍ୟୁନାଲ୍ ସଦସ୍ୟ ପ୍ରଥମ ପର୍ଯ୍ୟାୟରେ ମହାନଦୀ ଉତ୍ପତ୍ତି ସ୍ଥଳଠୁ ଆରମ୍ଭ କରି ଛତିଶଗଡ଼ର କିଛି ଅଞ୍ଚଳ ପରିଦର୍ଶନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଛତିଶଗଡ଼ର ତଳମୁଣ୍ଡରେ ଥିବା କଲମା ଓ ଅନ୍ୟାନ୍ୟ ବ୍ୟାରେଜ୍ ଏବଂ ଡ୍ୟାମ୍ ପରିଦର୍ଶନ କରିବେ । ଟ୍ରିବ୍ୟୁନାଲ୍ ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୨୯ ତାରିଖରୁ ମେ ୩ ତାରିଖ ମଧ୍ୟରେ କ୍ଷେତ୍ର ଅନୁଧ୍ୟାନ କରିବେ । ଏହି ସମୟରେ ସଦସ୍ୟମାନେ ଛତିଶଗଡ଼ର ବିଭିନ୍ନ ବନ୍ଧ, ଆନିକଟ୍, ବ୍ୟାରେଜ ବୁଲି ଦେଖିବା ସହ ଓଡ଼ିଶାର ହୀରାକୁଦ ବନ୍ଧ ମଧ୍ୟ ପରିଦର୍ଶନ କରିବେ। ସେହିପରି ମେ ୧୦ ତାରିଖ ବେଳକୁ ଓଡ଼ିଶାରେ ମହାନଦୀ ଅବବାହିକା ଅଞ୍ଚଳ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

### ଦାମୀ ହାଇବ୍ରିଡ ଗାଡ଼ି...

ମୂଲ୍ୟର ମହିନ୍ଦ୍ରା ସ୍କର୍ପିଓ, ହ୍ୟୁଣ୍ଡାଇ କ୍ରେଟା ଓ ମହିନ୍ଦ୍ରା ମାରାକୋଭଳି ଗାଡ଼ି ବ୍ୟବହାର କରିବେ। ଏହାବ୍ୟତୀତ ଅନ୍ୟ ଗାଡ଼ି କେହି ବ୍ୟବହାର କରିପାରିବେ ନାହିଁ। ସରକାର ଚାହିଁଲେ ଭଡ଼ାରେ ଆଣି ଏହିସବୁ ଗାଡ଼ି ବ୍ୟବହାର କରିପାରିବେ ବୋଲି ଅର୍ଥ ବିଭାଗ କହିଛି। ପରିବେଶ ସୁରକ୍ଷା ଦୃଷ୍ଟିରୁ ଏବେ ହାଇବ୍ରିଡ୍ ଗାଡ଼ିକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ହାଇବ୍ରିଡ୍ ଗାଡ଼ିରେ ପେଟ୍ରୋଲ, ଡିଜେଲ ସହିତ ବ୍ୟାଟେରି ବ୍ୟବହାର ହୋଇଥାଏ । ଏହି ଗାଡ଼ିଗୁଡ଼ିକର ବ୍ୟାଟେରିକୁ ଚାର୍ଜ କରିବାର ଆବଶ୍ୟକତା ନାହିଁ । ଗାଡ଼ି ଚାଲିବା ସମୟରେ ଆପେ ଏହି ବ୍ୟାଟେରି ଚାର୍ଜ ହୋଇଥାଏ ।

### ୧୩ ବର୍ଷରେ ୯ ବଡ଼ ମାଓ...

ଜଙ୍ଗଲରେ ଜୋରଦାର ହୋଇଛି କମ୍ବିଂ ଅପରେସନ୍ । ଦନ୍ତେୱାର ଅରଣପୁର ଅଞ୍ଚଳରେ ନକ୍ସଲଙ୍କ ଉପସ୍ଥିତି ନେଇ ମିଳିଥିଲା ଖବର । ସଙ୍ଗେ ସଙ୍ଗେ ମାଓ ଅପରେସନ୍‌ରେ ବାହାରିଥିଲେ ସିଆରପିଏଫ୍ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ ଯବାନ । ଦାନ୍ତେୱାଡାରେ ଅଭିଯାନ ସାରି ଗାଡିରେ ଫେରିବା ବେଳେ ରାସ୍ତାରେ ଆମ୍ବୁସ ଲଗାଇ ଘେରିଯାଇଥିଲେ ନକ୍ସଲ । ଯବାନଙ୍କ ଗାଡି ଅରଣପୁର ରାସ୍ତାରେ ପହଞ୍ଚିବା କ୍ଷଣି ନକ୍ସଲ ଖଞ୍ଜିଥିବା ଆଇଇଡି ବିସ୍ଫୋରଣ ଘଟିଥିଲା । ଯେଉଁଥିରେ ଚାଲିଯାଇଛି ୧୧ ଜଣଙ୍କ ଜୀବନ ।

ଛତିଶଗଡ଼ରେ ବଡ ଧରଣର ନକ୍ସଲ ହମଲା ପରେ ଓଡ଼ିଶାରେ ହାଇ ଆଲର୍ଟ ଜାରି ହୋଇଛି । ଛତିଶଗଡ଼ ସୀମାକୁ ଲାଗିଥିବା ୩ ଜିଲ୍ଲା ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରକୁ ଆଲର୍ଟ କରାଯାଇଛି । ଏସବୁ ଜିଲ୍ଲାରେ କମ୍ବିଂ ଅପରେସନ୍ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ସୀମା ଅଞ୍ଚଳରେ ଚେକିଂ, ବ୍ଲକିଂ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ପୋଲିସ ଗୁଇନ୍ଦା ନିର୍ଦ୍ଦେଶକ ।

# ଗ୍ରୀଷ୍ମର ମଜା | ହିଲ୍ ଷ୍ଟେସନ୍‌ରେ

**ଖରାଦିନେ ସୂର୍ଯ୍ୟଙ୍କର ପ୍ରଖର କିରଣ ସାଙ୍ଗକୁ ଝାଞ୍ଜି ପବନରେ ଦେହମୁଣ୍ଡ ପୋଡ଼ିଗଲା ଭଳି ଲାଗେ । ଇଚ୍ଛା ହୁଏ ଏମିତି କେଉଁ ସ୍ଥାନକୁ ଚାଲିଯିବା ପାଇଁ ଯେଉଁଠି ଖରାଦିନେ ବି ଶୀତଳ ପବନର ସ୍ପର୍ଶ ମିଳୁଥିବ । ଏ କ୍ଷେତ୍ରରେ ହିଲ୍ ଷ୍ଟେସନ୍ଠୁ ଭଲ ସ୍ଥାନ ଆଉ କ'ଣ ହୋଇପାରେ । ତେଣୁ ଏଠାରେ ସେମିତି କେତୋଟି ପ୍ରମୁଖ ହିଲ୍‌ଷ୍ଟେସନ ସମ୍ପର୍କରେ ଉଲ୍ଲେଖ କରାଗଲା ଯେଉଁଠାକୁ ବୁଲିଗଲେ ଖରାଦିନେ ବେଶ୍ ଆରାମ ଅନୁଭବ ହୋଇପାରିବ ।**









**ଉଟି:** ଉଟି ବା ଉଦ୍‌ଗମଣ୍ଡଳମ୍ ହେଉଛି ତାମିଲନାଡୁର ନୀଳଗିରି ଜିଲ୍ଲା ଅନ୍ତର୍ଗତ ଏକ ସହର । ହିଲ୍ ଷ୍ଟେସନ୍ ଭାବେ ବି ଏହା ପରିଚିତ । ସମୁଦ୍ରପତ୍ତନଠାରୁ ପ୍ରାୟ ୨,୨୪୦ ମିଟର ଉଚ୍ଚତାରେ ଥିବା ଏହି ହିଲ୍ ଷ୍ଟେସନ୍‌ରେ ପର୍ଯ୍ୟଟକ ଅନେକ ଆକର୍ଷଣୀୟ ପାର୍କ, ବଗିଚା, ହ୍ରଦ, ଡ୍ୟାମ୍, ଐତିହାସିକ ପ୍ରାସାଦ, ସଂଗ୍ରହାଳୟ ଇତ୍ୟାଦି ଦେଖିବାକୁ ପାଇପାରିବେ । ତାଛଡ଼ା ଏଠାରେ ଏକ ଚା ଫ୍ୟାକ୍ଟ୍ରି ମଧ୍ୟ ରହିଛି ଯେଉଁଠାକୁ ବୁଲିଯାଇ ଆଗନ୍ତୁକ ଚା ଚାଷ ସମ୍ପର୍କିତ ବହୁ ତଥ୍ୟ ଜାଣିପାରିବେ । ତେବେ ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ଥିଲେ ହେଁ ବିଶେଷକରି ଖରାଦିନେ ଏଠାରେ ପର୍ଯ୍ୟଟକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ ।

**ଅଲାପ୍ପୁଝା ବିଚ୍:** ଅଲାପ୍ପୁଝା ହେଉଛି କେରଳସ୍ଥିତ ଏକ ସୁନ୍ଦର ସହର । ଏହା ଅଲ୍ଲେପ୍ପୀ ନାମରେ ବି ପରିଚିତ। ଏଠାରେ ରହିଛି ଅଲାପ୍ପୁଝା ନାମକ ଏକ ଲୋକପ୍ରିୟ ସମୁଦ୍ରତଟ । ଶାନ୍ତ, ସ୍ୱଚ୍ଛ ତଥା ଅପୂର୍ବ ଆକର୍ଷଣରେ ଭରା ଏହି ସମୁଦ୍ରତଟରେ ବସି ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖିବା ବେଶ୍ ମନୋମୁଗ୍ଧକର ହୋଇଥାଏ । ତାଦଛଡ଼ା ଏହି ସମୁଦ୍ରକୂଳର ଧାରେ ଧାରେ ଲଗାଯାଇଥିବା ଖଜୁରି ଗଛ ଏଠାକାର ପରିବେଶକୁ ଆହୁରି ଆକର୍ଷଣୀୟ କରି ଦେଇଥାଏ । ତେବେ ଅଲାପ୍ପୁଝାର ଅନ୍ୟ ଏକ ଆକର୍ଷଣ ହେଉଛି ଏଠାକାର ବ୍ୟାକ୍‌ୱାଟର୍‌ରେ ହାଉସ୍‌ବୋଟ୍ ଚଳାଇ ଅପୂର୍ବ ଆନନ୍ଦ ଉପଭୋଗ କରିବା । ଏହାକୁ ଖରାଛୁଟି କଟାଇବା ପାଇଁ ଏକ ଉପଯୁକ୍ତ ସମର୍ ଡେଷ୍ଟିନେସନ କହିଲେ ମଧ୍ୟ ଆଦୌ ଭୁଲ୍ ହେବନାହିଁ ।

**କୋଡୈକନାଲ:** ଏହା ହେଉଛି ତାମିଲନାଡୁର ଡିଣ୍ଡିଗଲ୍ ଜିଲା ଅନ୍ତର୍ଗତ ଏକ ହିଲ୍ ଷ୍ଟେସନ । ଏଠାକାର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଶାନ୍ତ ବାତାବରଣ ପର୍ଯ୍ୟଟକଙ୍କୁ ବେଶ୍ ସମ୍ମୋହିତ କରିଥାଏ । ତାଦଛଡ଼ା ଏଠାରେ ଥିବା ଅନେକ ବଡ଼ ବଡ଼ ଚଟାଣ, ହ୍ରଦ, ପାର୍କ ତଥା ଫଳ ବଗିଚା, ଘାଟି ଓ ଆଖପାଖର ସୁନ୍ଦରତାକୁ ସୁବିଧାରେ ଦେଖିବା ନିମନ୍ତେ ରହିଥିବା ଟେଲିସ୍କୋପ୍ ହାଉସ୍, ବିୟର ଶୋଲା ଫଲ୍ସ (ଯେଉଁ ଜଳପ୍ରପାତରେ ଅଧିକାଂଶ ସମୟ ଭାଲୁମାନେ ଆସି ପାଣି ପିଇଥାନ୍ତି) ତଥା ଚାରିଆଡ଼ର ହରାଭରା ଦୃଶ୍ୟ ବି ଖୁବ୍ ଆକର୍ଷକ ଲାଗିଥାଏ । ଅନ୍ୟପକ୍ଷେ ଏଠାରେ ଥିବା ୟୁକାଲିପଟାସ ଓ ପାଇନ୍ ଜଙ୍ଗଲରୁ ଆସୁଥିବା ସ୍ୱଚ୍ଛ ବାୟୁ ସ୍ଥାନୀୟ ବାତାବରଣକୁ ବେଶ୍ ମନଲୋଭା କରିଦେଇଥାଏ । ଖାସ୍ ସେଥିପାଇଁ କୋଡୈକନାଲକୁ ହ୍ହିଲ୍ ଷ୍ଟେସନର ରାଜକୁମାରୀଦବୋଲି କୁହାଯାଇଥାଏ। ଖରାଦିନେ ବୁଲିବା ସହ ଟ୍ରେକିଂ ଓ ବୋଟିଂର ମଜା ନେବାକୁ ପର୍ଯ୍ୟଟକମାନେ ଏଠାକୁ ଧାଇଁ ଆସିଥାନ୍ତି ।

**ମଡିକେରୀ:** ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଲୋକପ୍ରିୟତା ହାସଲ କରିଥିବା ମଡିକେରୀ ହେଉଛି କର୍ନାଟକର କୋଡ଼ଗୁ ଜିଲାରେ ଅବସ୍ଥିତ ଏକ ହିଲ୍ ଷ୍ଟେସନ ଟାଉନ୍ । ସମୁଦ୍ର ପତ୍ତନଠାରୁ ପ୍ରାୟ ୧୧୫୦ ମିଟର ଉଚ୍ଚରେ ଅବସ୍ଥିତ ଏହି ଟାଉନ୍‌ରେ ଦେଖିବାକୁ ରହିଛି ଅନେକ ପାହାଡ଼, ଝରଣା, ସବୁଜ ବନାନୀ, କଫି ବଗିଚା, ଐତିହାସିକ ତଥା ଧାର୍ମିକ ସ୍ଥଳୀ । ବିଶେଷକରି ଏଠାକାର ଅବ୍ବେ ଝରଣା, ମଡିକେରୀ ଦୁର୍ଗ, ରାଜା କି ସିଟ୍ (ଯେଉଁଠାରେ କୋଡ଼ଗୁର ରାଜା ବସି ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖୁଥିଲେ) ତଥା କଫି ବଗିଚା ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ । ବିଶେଷକରି ଖରାଦିନେ ଏଠାକାର ଜଳବାୟୁ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହୁଥିବାରୁ ଏହି ସମୟରେ ଆଗନ୍ତୁକଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ ।

**ପଞ୍ଚଗନୀ:** ମହାରାଷ୍ଟ୍ରର ସତାରା ଜିଲାରେ ରହିଛି ଏହି ହିଲ୍ ଷ୍ଟେସନ । ସମୁଦ୍ରପତ୍ତନଠାରୁ ପ୍ରାୟ ୧୨୯୩ ମିଟର ଉଚ୍ଚତାରେ ଥିବା ଏହି ହିଲ୍ ଷ୍ଟେସନରେ ପର୍ଯ୍ୟଟକ ଟେବୁଲ୍ ଲ୍ୟାଣ୍ଡ, ସିଡ୍ନୀ ପଏଣ୍ଟ, ପାର୍ସୀ ପଏଣ୍ଟ, ଡେଭିଲ୍ସ କିଚେନ୍, ମାର୍ପୋ ଗାର୍ଡେନ୍ ଇତ୍ୟାଦି ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଦେଖିବାକୁ ପାଇପାରିବେ । ମନୋରମ ପରିବେଶ ଭିତରେ ଆବଦ୍ଧ ହୋଇ ରହିଥିବା ପଞ୍ଚଗନୀର ଜଳବାୟୁ ଗ୍ରୀଷ୍ମଦିନେ ବେଶ୍ ଥଣ୍ଡା ପ୍ରଦାନ କରୁଥିବାରୁ ଏଠାରେ ଗ୍ରୀଷ୍ମଛୁଟି କଟାଇବାକୁ ବହୁତ ଭଲ ଲାଗିଥାଏ।

**ମାଥେରାନ୍:** ଏହା ହେଉଛି ମହାରାଷ୍ଟ୍ରସ୍ଥିତ ଅନ୍ୟ ଏକ ପ୍ରସିଦ୍ଧ ହିଲ୍ ଷ୍ଟେସନ । ସମୁଦ୍ରପତ୍ତନଠାରୁ ପ୍ରାୟ ୮୦୦ ମିଟର ଉଚ୍ଚତାରେ ଥିବା ଏହି ହିଲ୍ ଷ୍ଟେସନରେ ପର୍ଯ୍ୟଟକ ପ୍ରାୟ ୪୦ଟି ପଏଣ୍ଟ, ଦୁଇଟି ହ୍ରଦ, ଦୁଇଟି ପାର୍କ ତଥା ୪/୫ଟି ପ୍ରମୁଖ ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ଦେଖିବାକୁ ପାଇପାରିବେ । ତାଦଛଡ଼ା ଏଠାରେ ଥିବା ସନ୍‌ସେଟ୍ ପଏଣ୍ଟ ବି ଖୁବ୍ ଆକର୍ଷକ ଲାଗିଥାଏ । ଟ୍ରେକିଂ ପ୍ରିୟ ପର୍ଯ୍ୟଟକଙ୍କ ପାଇଁ ଏଠାରେ ରହିଛି ଅନେକ ସୁବିଧା ଓ ସୁଯୋଗ । ଖାସ୍ କରି ଖରାଛୁଟି କଟାଇବା ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ ହୋଇଥାଏ ।

**ମାଉଣ୍ଟ ଆବୁ:** ସବୁଜ ବନାନୀ ତଥା ଉଚ୍ଚ ପାହାଡ଼ ଦ୍ୱାରା ଘେରି ହୋଇ ରହିଥିବା ରାଜସ୍ଥାନସ୍ଥିତ ଏହି ହିଲ୍ ଷ୍ଟେସନର ପରିବେଶ ଖରାଦିନେ ବେଶ୍ ଆରାମଦାୟକ ରହିଥାଏ । ପର୍ଯ୍ୟଟକ ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଏଠାରେ ଥିବା ଏକାଧିକ ଐତିହାସିକ ମନ୍ଦିର, ଦୁର୍ଗ ତଥା ମାଉଣ୍ଟ ଆବୁ ବନ୍ୟପ୍ରାଣୀ ଅଭୟାରଣ୍ୟ ବୁଲି ଦେଖିବାର ମଜା ମଧ୍ୟ ନେଇପାରିବେ ।

**ନୈନିତାଲ୍:** ଉତ୍ତରାଖଣ୍ଡସ୍ଥିତ ନୈନିତାଲ୍ ବି ହେଉଛି ଏକ ଲୋକପ୍ରିୟ ଶୈଳନିବାସ । ଏଠାରେ ଘଞ୍ଚ ଜଙ୍ଗଲରେ ଘେରି ହୋଇ ରହିଥିବା ଖୁବ୍ ଉଚ୍ଚ ଉଚ୍ଚ ପାହାଡ଼ ସାଙ୍ଗକୁ ଝରଣା ଦେଖିବାକୁ ମିଳିଥାଏ । ଖାସ୍ ସେଇଥିପାଇଁ ଅନେକ ନବଦମ୍ପତି ଏଠାକୁ ହନିମୁନ୍ ଟ୍ରିପ୍‌ରେ ଆସିଥାନ୍ତି। କେବଳ ନବଦମ୍ପତି କାହିଁକି, ପ୍ରେମଦିବସକୁ ସ୍ମରଣୀୟ କରିବା ପାଇଁ ଏଠାକୁ ବହୁ ସଂଖ୍ୟାରେ ପ୍ରେମୀଯୁଗଳ ବି ଆସିଥାନ୍ତି । ତେବେ ଅନ୍ୟଦିନ ତୁଳନାରେ ଖରାଦିନେ ଏଠାକାର ଜଳବାୟୁ ବେଶ୍ ମନୋରମ ଓ ଶୀତଳ ରହୁଥିବାରୁ ଖରାଛୁଟି କଟାଇବା ପାଇଁ ବହୁ ସଂଖ୍ୟାରେ ଆଗନ୍ତୁକ ଏଠାକୁ ଆସିଥାନ୍ତି।

**ଅର୍କି:** ହିମାଚଳ ପ୍ରଦେଶର ସୋଲାନ୍ ଜିଲା ଅନ୍ତର୍ଗତ ଏକ ଛୋଟ ସହର ହେଉଛି ଅର୍କି । ଏହା ସ୍ଥାନୀୟ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ଭାବେ ବି ଜଣାଶୁଣା। କାରଣ ଏଠାରେ ଦେଖିବାକୁ ମିଳିଥାଏ ଅନେକ ଐତିହାସିକ ସ୍ମାରକୀ, ଧାର୍ମିକ ପୀଠ, ଦୁର୍ଗ ଇତ୍ୟାଦି। ତେବେ କେବଳ ପର୍ଯ୍ୟଟନ କ୍ଷେତ୍ରରେ ନୁହେଁ, ଏଠାକାର ଶୀତଳ ଜଳବାୟୁ ମଧ୍ୟ ଆଗନ୍ତୁକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। କାରଣ ଅର୍କିଠାରୁ ମାତ୍ର ଅଳ୍ପ କିଛି ଦୂରରେ ରହିଛି ସିମ୍‌ଲା । ଯାହାକୁ ଦିନେ ବ୍ରିଟିଶ ରାଜ୍ୟର ଗ୍ରୀଷ୍ମକାଳୀନ ରାଜଧାନୀ ଭାବେ ଘୋଷଣା କରାଯାଇଥିଲା ।ତେଣୁ ଏହିଥିରୁ ଅନୁମାନ କରାଯାଏ ଯେ, ସିମ୍‌ଲାର ଜଳବାୟୁ ଓ ଅର୍କିର ଜଳବାୟୁ ପ୍ରାୟତଃ ସମାନ ରହିଥାଏ । ବିଶେଷକରି ଖରାଦିନେ ଏଠାକାର ପାଣିପାଗ ବେଶ୍ ଶୀତଳତା ପ୍ରଦାନ କରୁଥିବାରୁ ପର୍ଯ୍ୟଟକଙ୍କର ଏଠାରେ ଖୁବ୍ ଭିଡ଼ ଜମେ।




Printed by Kishor Chandra Padhi and Published by Siba Prasad Sasamala, Printed at Anupam printers,Shed No. D-2/14, Industrial Estate, Mancheswar, Bhubaneswar, Published from Gurudwara Chowk, Bargarh-768028 (Odisha), Ph.0674-2911731, Email-aadharodisha8@gmail.com

Editor: Dr. Jyotirmaya Patnaik
ସମ୍ପାଦକ– ଡ. ଜ୍ୟୋତିର୍ମୟ ପଟ୍ଟନାୟକ